## ସଂକ୍ଷେପରେ

### ଗାଁକୁ ଅଣାଗଲା ଦାଦନ ଶ୍ରମିକଙ୍କ ମୃତଦେହ

**ଥୁଆମୂଳ ରାମପୁର,୧।୧୦(ଦୁର୍ଗା କୀର୍ତ୍ତି):** ପରିବାର ପ୍ରତିପୋଷଣ ପାଇଁ ବାହାର ରାଜ୍ୟକୁ ଦାଦନ ଶ୍ରମିକ ଭାବରେ ଖଟିବାକୁ ଯାଇ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଶ୍ରମିକଙ୍କ ମୃତ ଦେହ ମଙ୍ଗଳବାର ଗାଁରେ ପହଞ୍ଚିଛି। ସୂଚନା ଅନୁଯାୟୀ, କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ପାଡେପଦର ପଞ୍ଚାୟତ ମୁଣ୍ଡିଘାଟି ଗ୍ରାମର ସୁକଳ ଦେଇ ମାଝିଙ୍କ ସ୍ୱାମୀ ମନ ମାଝି (୪୧) ପ୍ରାୟ ମାସେ ତଳେ ତାମିଲନାଡୁ ଯାଇ ଶ୍ରମିକ ଭାବେ କାମ କରୁଥିଲେ। ଏପରିସ୍ଥଳେ ଗତ ଶନିବାର ସେ କୌଣସି କାମରେ ଏକ ବସ୍‌ରେ ଅନ୍ୟ ଏକ ସ୍ଥାନକୁ ଯାଉଥିବାବେଳେ ଖସିପଡ଼ିପ୍ରାଣ ହରାଇଥିଲେ। ପରିବାର ଲୋକେ ମୃତଦେହ ଫେରାଇ ଆଣିବାକୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଆର୍ଥିକ ସହାୟତା ଯୋଗୁ ସେଠାରୁ ଏକ ଘରୋଇ ଆମ୍ବୁଲାନ୍ସ ଯୋଗେ ମୃତଦେହ ତାଙ୍କ ଗାଁକୁ ଫେରିଥିଲା। ମଙ୍ଗଳବାର ତାଙ୍କ ମୃତଦେହ ସତ୍କାର କରାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ୪୦ହଜାର ଓ ବ୍ଲକ ପ୍ରଶାସନ ପକ୍ଷରୁ ୨୦ହଜାର ସହାୟତା ଦିଆଯାଇଥିବା ପରିବାରଠାରୁ ଜଣାପଡିଛି।

### ଗାଁ ରାସ୍ତା ଶୋଚନୀୟ



**କୋମନା,୧।୧୦(ସୋବିନ ଛତ୍ରିଆ):** ନୂଆପଡ଼ା ଜିଲା କୋମନା ବ୍ଲକ ଶିଆଳଲଟି ପଞ୍ଚାୟତ ବେଲରଦନା ଗାଁ ରାସ୍ତା ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତା ବିଜୁ ଏକ୍ସପ୍ରେସ ୱେକୁ ସଂଯୋଗ କରୁଛି। ହେଲେ ଗାଁ ମୁଣ୍ଡରୁ ଶେଷ ଯାଏ ଖାଲଖମା ସୃଷ୍ଟି ହୋଇ ପାଣି ଭର୍ତ୍ତି ହୋଇ ରହିଛି। ଫଳରେ ରାସ୍ତାରେ ଚାରିଚକିଆ ଯାନ ଆସିଲେ ଦୁଇଚକିଆ ଯାନ ଯିବା କଷ୍ଟକର ହେଉଛି। ଏଥିଯୋଗୁ ସ୍କୁଲ କଲେଜ ଛାତ୍ରୀଛାତ୍ର ଓ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ମରାମତି କରିବା ପାଇଁ ଦାବି ହେଉଛି।

### କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ଗୋଲାମୁଣ୍ଡା,୧।୧୦ (ବଟ କୃଷ୍ଣ ପଣ୍ଡା):** ଗୋଲାମୁଣ୍ଡା ବ୍ଲକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଲାଞ୍ଜିଠାରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ରଙ୍ଗାଧର ଛତ୍ରିଆଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ବିଇଓ ଭବାନୀ ଶଙ୍କର ଯୋଶୀ ମୁଖ୍ୟ ଅତିଥି, ସିନାପାଲି ପଞ୍ଚାୟତର ପୂର୍ବତନ ସରପଞ୍ଚ ବୃକଧର ଭୋଇ, ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ କେଗାଁ ପ୍ରଧାନ ଶିକ୍ଷକ କ୍ଷୀରୋଦ କୁମାର ସାହୁ, ଭାଟିପଡା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରମେଶ ସାହୁ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଶିକ୍ଷକ ଜିତେନ୍ଦ୍ର ପଟେଲ ମଞ୍ଚ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀ ବ୍ଲକ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

# ଛାତ୍ରଙ୍କୁ ମାଡ଼ ଘଟଣାର ପ୍ରତିବାଦ

**ନୂଆପଡ଼ା,୧।୧୦(ମକାରୁ ବେମାଲ)**

ନୂଆପଡ଼ା ସଦର ବ୍ଲକ ବେଲଟୁକୁରି ପଞ୍ଚାୟତ ପଣ୍ଡରିପାଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜଣେ ଛାତ୍ରଙ୍କୁ ମାଡ଼ ଘଟଣାର ତୀବ୍ର ପ୍ରତିବାଦ କରିଛନ୍ତି ଗ୍ରାମବାସୀ। ସେମାନେ ମଙ୍ଗଳବାର ବିଦ୍ୟାଳୟ ଭିତରକୁ ଧସେଇ ପଶି ପ୍ରଧାନ ଶିକ୍ଷକଙ୍କ ବିରୋଧରେ ନାରାବାଜି କରି ହୋ ହଲ୍ଲା କରିଥିଲେ। ଏହାକୁ ନେଇ ବିଦ୍ୟାଳୟ ପରିସରରେ ଚାପା ଉତ୍ତେଜନା ଦେଖାଦେଇଥିଲା। ଗ୍ରାମବାସୀଙ୍କଠାରୁ ମିଳିଥିବା ସୂଚନା ମୁତାବକ, ଗତ

**ଗ୍ରାମବାସୀଙ୍କ ହୋହଲ୍ଲା, ବିଦ୍ୟାଳୟରେ ଉତ୍ତେଜନା**

ଶୁକ୍ରବାର କୌଣସି କାରଣରୁ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ଗାଲକୁ ପ୍ରଧାନ ଶିକ୍ଷକ ଭୁବନ ଲାଲ ବାରିକ ଚାପୁଡ଼ା ମାରିଥିଲେ। ଏଥିରେ ଛାତ୍ରଙ୍କ ଦୁଇଗାଲ ଫୁଲି ଯାଇଥିଲା। ଏ ନେଇ ପରିବାର ଓ ଗ୍ରାମବାସୀ ସୋମବାର ନୂଆପଡା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବରେ ଜଣାଇଛନ୍ତି । ଏହା ପରେ ବି ତଦନ୍ତ ହୋଇ ନ ଥିବାରୁ ଗ୍ରାମବାସୀ ବିଦ୍ୟାଳୟକୁ ଯାଇ ପ୍ରଧାନ ଶିକ୍ଷକ ବାରିକଙ୍କୁ କେଉଁ କାରଣରୁ ଛାତ୍ରଙ୍କୁ ମାଡ ମରାଗଲା ବୋଲି ପ୍ରଶ୍ନ କରିଥିଲେ। ବିଦ୍ୟାଳୟର ବିଭିନ୍ନ ଅବ୍ୟବସ୍ଥା ପ୍ରସଙ୍ଗ ନେଇ ପ୍ରଧାନ ଶିକ୍ଷକ ଓ ଗ୍ରାମବାସୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା । ଏ ସଂକ୍ରାନ୍ତରେ ପ୍ରଧାନ ଶିକ୍ଷକ ବାରିକଙ୍କୁ ପଚାରିବାରୁ ପିଲାକୁ ମାଡ଼ ମାରି ନାହିଁ । ବଡ ଲୋକଙ୍କୁ ଏମିତି ଜବାବ ଦିଅନ୍ତିନି ବୋଲି ଗାଲକୁ ଆଉଁଶି ଦେଇଥିଲି ବୋଲି କହିଥିଲେ । ନୂଆପଡ଼ା ସଦର ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦଙ୍କୁ ପଚାରିବାରୁ ସୋମବାର ଆମ ପାଖକୁ ଲିଖିତ ଭାବରେ ଅଭିଯୋଗ ଆସିଛି। ଦୁଇଜଣ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ତଦନ୍ତ ପାଇଁ ଦାୟିତ୍ୱ ଦେଇଛି । ତଦନ୍ତ ରିପୋର୍ଟ ଆସିଲା ପରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଅନ୍ୟପକ୍ଷରେ ପ୍ରଧାନ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଉ ବୋଲି ମାଡ଼ ଖାଇଥିବା ଛାତ୍ରଙ୍କ ବାପାଙ୍କ ସମେତ ଗ୍ରାମର କାଶୀନାଥ ଅହିର, ମନୋଜ କୁମାର ଲୋହାର, ସନ୍ତଲାଲ ପାଣ୍ଡେ, ସୁରେଶ ଅହିର, ଗଣେଶ ଗିରି, ଗୋବର୍ଦ୍ଧନ ଅହିର, ଗୁଲସନ ପାଣ୍ଡେ, ଶିଉ କୁମାର ଅହିର, ଆଶିଷ କୁମାର ପାଣ୍ଡେ ପ୍ରମୁଖ ଦାବି କରିଛନ୍ତି।

# ସିନାପାଲିରେ ଯୁଗ୍ମ ଅଭିଯୋଗ ଶୁଣାଣି



ଶିବିରରେ ଜିଲାପାଳ ଲୋକଙ୍କ ସମସ୍ୟା ବୁଝୁଛନ୍ତି।

**ନୂଆପଡ଼ା,୧।୧୦ (ମକାରୁ ବେମାଲ)**

ନୂଆପଡ଼ା ଜିଲା ସିନାପାଲି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ଜିଲାପାଳ ମଧୁସୂଦନ ଦାସ, ଜିଲା ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଲା ରେଡ୍ଡୀ ରାଘବେନ୍ଦ୍ର ଉପସ୍ଥିତ ରହି ଅଭିଯୋଗ ପତ୍ର ଗ୍ରହଣକରି କିଛି ସମସ୍ୟାର ସମାଧାନ କରିଥିଲେ। ବାକି ସମସ୍ୟା ଶୀଘ୍ର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ମୋଟ ୧୪୬ ଗୋଟି ଅଭିଯୋଗ ଆସିଥିବାବେଳେ ୧୨୦ଟି ବ୍ୟକ୍ତିଗତ ଓ ୨୬ଟି ଗୋଷ୍ଠୀଗତ ରହିଥିଲା । ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ସୁରେଖା ବାଗଙ୍କୁ ଚେକ୍ ମାଧ୍ୟମରେ ଜିଲାପାଳ ସହାୟତା ପ୍ରଦାନ କରିଥିଲେ। ଏହି ସମୟରେ ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲାପାଳ ଯୋଗେନ୍ଦ୍ର ମାଝି, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଧରଣୀଧର ସେନାପତି, ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୂଏ, ଜିଲା ମଙ୍ଗଳ ଅଧିକାରୀ ଦୀପ୍ତିମନ୍ତ ଭୋଇ, ସିନାପାଲି ବ୍ଲକ ଅଧକ୍ଷା ମାଧୁରୀ ମାଝି, ସିନାପାଲି ବିଡିଓ ଅବିନାଶ ଲାକ୍ରା, ତହସିଲଦାର ଉପାଞ୍ଜଳି ମାଝି ପ୍ରମୁଖ ଉପସ୍ଥିତ ଥିଲେ ।

# ଥାନାରେ ଏତଲା ପରେ ବି ପୋଲିସ ନୀରବ

**ବେହେରା,୧।୧୦(ଭୂପେଶ ତିୱାରୀ)**



ତଦନ୍ତ ପାଇଁ ଆସିଥିବା କୋକସରା ପୋଲିସ ସହ ଗ୍ରାମବାସୀ।

କଳାହାଣ୍ଡି ଜିଲା ଧର୍ମଗଡ଼ ଅଞ୍ଚଳର ଜଣେ ଖବରଦାତାଙ୍କୁ ଆକ୍ରମଣ ଘଟଣାରେ ଥାନାରେ ଏତଲା ପରେ ବି ପୋଲିସର ନୀରବତା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁସାରେ ଧର୍ମଗଡ ବ୍ଲକ ଧଅଁରପୁର ଗ୍ରାମର ଖବରଦାତା ପ୍ରଦୀପ ସେଠିଆ କିଛି ଦିନ ତଳେ ନିଜ ପଞ୍ଚାୟତ ଅଞ୍ଚଳରେ ବେନିୟମ ଭାବେ ମଦ ବିକ୍ରି ହେଉଥିବା ଖବର ପ୍ରସାରଣ କରିଥିଲେ। ଏହି ଖବର ଆଧାରରେ ଅବକାରୀ ବିଭାଗ ସମ୍ପୃକ୍ତ ମଦ ବ୍ୟବସାୟୀଙ୍କ ଘରେ ଚଢ଼ାଉ କରି ବିପୁଳ ପରିମାଣ ଦେଶୀ ମଦ ଜବତ କରି ଏକ ମାମଲା ରୁଜୁ କରିଥିଲା। ଏତବରେ ପ୍ରତିଶୋଧ ପରାୟଣ ହୋଇ ମଦ ବ୍ୟବସାୟୀଙ୍କ ପରିବାରର ୫/୬ଜଣ ବ୍ୟକ୍ତି ସଂଘବଦ୍ଧ ଭାବେ ତାଙ୍କୁ ଆକ୍ରମଣ କରିଥିବା ନେଇ ପ୍ରଦୀପ କୋକସରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଦଣ୍ଡପାଟ ସାମ୍ବାଦିକ ସଂଗଠନ ଘଟଣାର

**ଖବରଦାତାଙ୍କୁ ଆକ୍ରମଣ ଘଟଣା**

ଦୃଢ ବିରୋଧ କରିବା ସହ ଥାନା ଅଧିକାରିଣୀଙ୍କୁ ଭେଟି ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ହେଲେ ଏକସପ୍ତାହ ବିତିଯାଇଥିଲେ ହେଁ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଏ ନେଇ ତଦନ୍ତ ଅଧିକାରିଣୀ କୋକସରା ଥାନା ଏଏସ୍‌ଆଇ ମମତା ଶବରଙ୍କୁ ପଚାରିବାରୁ ଉଭୟ ପକ୍ଷ ତରଫରୁ ଥାନାରେ ଅଭିଯୋଗ କରାଯାଇଛି। ତଦନ୍ତ ସରିଛି, ଉଭୟଙ୍କ ମାମଲା କୋର୍ଟକୁ ପଠାଯିବ ବୋଲି କହିଥିଲେ। ଅପରପକ୍ଷେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଥାନା ଆଗରେ ଆନ୍ଦୋଳନ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ

**ବେହେରା,୧।୧୦(ଭୂପେଶ ତିୱାରୀ)**

କଳାହାଣ୍ଡି ଜିଲା ଧର୍ମଗଡ଼ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ପ୍ରିୟମ୍ବଦା ଚାନ୍ଦଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଯୁବ ରେଡକ୍ରସ ସଂଯୋଜକ ଅଧ୍ୟାପକ ଶାନ୍ତନୁ କୁମାର ପରିଡ଼ା ମୁଖ୍ୟ ଅତିଥି, ପଞ୍ଚାୟତ ମହାବିଦ୍ୟାଳୟର ରେଡକ୍ରସ ପରାମର୍ଶଦାତା ଅଧ୍ୟାପକ ସରୋଜ କୁମାର ପଣ୍ଡା ମୁଖ୍ୟବକ୍ତା ଓ ଅଧ୍ୟାପକ ବଙ୍କିମ କୁମାର ମୁଣ୍ଡ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱେଚ୍ଛାକୃତ ରକ୍ତଦାନର ମହତ୍ତ୍ୱ ବିଷୟରେ ଆଲୋଚନା କରିବା ସହ ଯୁବପିଢ଼ି ରକ୍ତଦାନ କରିବା ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଯୁବ ରେଡକ୍ରସ ପରାମର୍ଶଦାତା ଅଧ୍ୟାପକ ସଞ୍ଜୀବ କୁମାର ମୁଣ୍ଡ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଯୁବ ରେଡକ୍ରସ ଓ ରେଡ ରିବନ କ୍ଲବ ସ୍ୱେଚ୍ଛାସେବୀ ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ।

# ଅନ୍ତର୍ଜାତୀୟ ବୟସ୍କ ଦିବସ ପାଳିତ




**ଜୁନାଗଡ଼,୧।୧୦(ସୁନୀଲ କୁମାର ସିଂହ)**

କଳାହାଣ୍ଡି ଜିଲା ଜୁନାଗଡ଼ ତାଲୁକ ଆଇନସେବା ସମିତି ତରଫରୁ ମଙ୍ଗଳବାର ଆନ୍ତର୍ଜାତୀୟ ବୟସ୍କ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ସଂସ୍କୃତିଭବନଠାରେ ଅନୁଷ୍ଠିତ ସଭାରେ ବରିଷ୍ଠ ଓକିଲ ଅଶୋକ କୁମାର ପାତ୍ର ସଭାପତିତ୍ୱ କରିଥିଲେ। ତାଲୁକ ଆଇନସେବା ସମିତି ଅଧକ୍ଷ ତଥା ଜେଏମ୍‌ଏଫ୍‌ସି ବିଚାରପତି ଦିପେନ୍ଦ୍ର ସିଂହ ରାଠୋର ମୁଖ୍ୟ ଅତିଥି ଓ ଜୁନାଗଡ଼ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ଖିଲୋ, ବରିଷ୍ଠ ନାଗରିକ ସଂଘ ସଭାପତି ଈଶ୍ୱର ପୂଜାରୀ, ଜିଲା ସାମ୍ବାଦିକ ସଂଘ ସାଧାରଣ ସମ୍ପାଦକ ସନ୍ତୋଷ କୁମାର ସିଂହ ଦେଓ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ମୁଖ୍ୟ ଅତିଥି ବୟସ୍କ ବ୍ୟକ୍ତିମାନଙ୍କୁ ମିଳୁଥିବା ଆଇନଗତ ସେବା ଉପରେ ଅବଗତ କରାଇଥିଲେ। ବରିଷ୍ଠ ନାଗରିକ ତଥା ଶିକ୍ଷାବିତ୍ ରାଧେଶ୍ୟାମ ପଣ୍ଡା ବରିଷ୍ଠ ନାଗରିକଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ।

# ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆଣୁଛି ସୁରଭି

**କୋକସରା,୧।୧୦ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**

କଳାହାଣ୍ଡି ଜିଲା କୋକସରା ଗୋଷ୍ଠୀ ଶିକ୍ଷା ବିଭାଗ ଅଧୀନରେ ଥିବା ଆମପାଣି କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ସିଉନୀ ପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି କେଦାରନାଥ ନାଏକ ସଭାପତିତ୍ୱ କରିଥିଲେ। କୋକସରା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ମୁଖ୍ୟଅତିଥି ଓ ଆମପାଣି ସରପଞ୍ଚ ରୁକ୍ମଣୀ ବାଣୁଆ ମୁଖ୍ୟବକ୍ତା ରୂପେ ଯୋଗଦାନ କରି ସୁରଭି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାରେ ବିଶେଷ ସହାୟକ ହୋଇପାରିଛି ବୋଲି ମତ ରଖିଥିଲେ। କାର୍ଯ୍ୟକ୍ରମରେ ଆମପାଣି କ୍ଲଷ୍ଟର ଅନ୍ତର୍ଗତ ୧୪ ବିଦ୍ୟାଳୟର ଛାତ୍ରୀଛାତ୍ର ବକ୍ତୃତା, ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ରଚନା, ସଙ୍ଗୀତ, ନୃତ୍ୟରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଈଶ୍ୱରୀ ପ୍ରସାଦ ଅଗସ୍ତି ସଂଯୋଜନା କରିଥିଲେ। ଶେଷରେ ସିଉନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗିରିଶ ଚନ୍ଦ୍ର ସରାବୁ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ଖପରାମାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଡାଲଗୁମା ଆଞ୍ଚଳିକ କେନ୍ଦ୍ର ସ୍ତରୀୟ ସୁରଭି ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜନ୍ମେଜୟ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଧରୁଆପଡ଼ା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିପିନ ବିହାରୀ ମାଝି ମୁଖ୍ୟ ଅତିଥି ଓ ଡାଲଗୁମା ସିଆର୍‌ସିସି ଈଶ୍ୱର ନାଏକ, ତେନ୍ତୁଲିପଡ଼ା ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଉଦ୍ଧବ ଧରୁଆ, ଜିଏମ୍ ପବ୍ଲିକ ସ୍କୁଲ ଅଧ୍ୟକ୍ଷ ସଞ୍ଜୀବ ଅପୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଶିକ୍ଷକ କୁବେର ମାଝି ସଂଯୋଜନା କରିଥିଲେ।

## ଯୁବକଙ୍କ ଆତ୍ମହତ୍ୟା

**ଖଡ଼ିଆଳ,୧।୧୦ (ସୁଜିତ କୁମାର ପ୍ରଧାନ)**

ନୂଆପଡା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ଏନ୍‌ଏସି ୱାର୍ଡ ନଂ.୧ ମୁକ୍ତାପୁର ଗ୍ରାମରେ ଜଣେ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ କୁମୁଦ ନିଆଲ (୨୭)। ପୋଲିସ ସୂତ୍ରରୁ ପ୍ରକାଶ ଯେ, ସୋମବାର ସନ୍ଧ୍ୟାରୁ କୁମୁଦ ଘରୁ ବାହାରି କେଉଁଆଡେ ଚାଲି ଯାଇଥିଲେ। ପରିବାର ଲୋକେ ବହୁ ଖୋଜା ଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ପାଇ ନ ଥିଲେ। ଏପରିସ୍ଥଳେ ମଙ୍ଗଳବାର ସନ୍ଧ୍ୟାରେ ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟ ପଛପଟେ ଥିବା କୂଅରେ ରସି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରିଛି ।

# ମୋହନ ବିଶି ପାଇଲେ ରକ୍ତବୀର ସମ୍ମାନ




ମୋହନଙ୍କୁ ରକ୍ତବୀର ସମ୍ମାନରେ ସମ୍ମାନିତ କରାଯାଉଛି।

**କୋକସରା,୧।୧୦ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**

ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ପାଳନ ଅବସରରେ କଳାହାଣ୍ଡି ଜିଲା ବେହେରାସ୍ଥିତ ଲଖିରାମ ଅଗ୍ରୱାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡକ୍ରସ ପରାମର୍ଶଦାତା ତଥା ରାଜନୀତି ବିଜ୍ଞାନ ଅଧ୍ୟାପକ ମୋହନ ଚରଣ ବିଶି ଚଳିତବର୍ଷ ପାଇଁ ରକ୍ତବୀର ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଭୁବନେଶ୍ୱରସ୍ଥିତ ରେଡକ୍ରସ ଭବନ ପରିସରରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ଲଲାଟେନ୍ଦୁ ମହାନ୍ତି, ସମ୍ମାନିତ ଅତିଥି ଭାବେ ଡ. ଦେବୀପ୍ରସାଦ ମିଶ୍ର, ଡ. ଗିରିଜା ନନ୍ଦନ କାନୁନ୍‌ଗୋ, ଡ. ସନ୍ତୋଷ ମିଶ୍ର, ରାଜ୍ୟ ଯୁବ ରେଡକ୍ରସ ଅଧିକାରୀ ଡ. ରମେଶ ଚନ୍ଦ୍ର ବେହେରା ମଞ୍ଚାସୀନ ଥିଲେ। ରାଜ୍ୟ କନିଷ୍ଠ ରେଡକ୍ରସ୍ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଡ. ପ୍ରଦୀପ କୁମାର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ବିଶି ନିକଟରେ ୫୦ ତମ ରକ୍ତଦାନ କରିବା ସହ ଅନ୍ୟମାନଙ୍କୁ ରକ୍ତଦାନ କରିବା ପାଇଁ ପ୍ରୋତ୍ସାହିତ କରିଆସୁଛନ୍ତି। ଏହାବ୍ୟତୀତ ସେ ଜଣେ ସ୍ତମ୍ଭ ଲେଖକ, କବି ଓ ଗାଳ୍ପିକ। ସେ କୋକସରା ସଦର ପଞ୍ଚାୟତ ଅନ୍ତର୍ଗତ ଗଡରାମାଲ ଗ୍ରାମର ଅଧିବାସୀ ଅଟନ୍ତି। ଏହି ସଫଳତା ପାଇଁ କାଳୀକୃଷ୍ଣ ସଂଘ ପରିଚାଳକ ଶ୍ରୀ ଜଗଦାନନ୍ଦଜୀ, ବେଦବ୍ରହ୍ମା ଶ୍ରୀ ସରୋଜାନନ୍ଦଜୀ, କଳାହାଣ୍ଡି ଜିଲା ଯୁବ ରେଡକ୍ରସ ଆବାହକ ସଞ୍ଜୀବ କୁମାର ସାହୁ ଓ ଜିଲା ସଂଯୋଜକ ଶାନ୍ତନୁ କୁମାର ପରିଡ଼ା, ଶାରଳା ପୁରସ୍କାରପ୍ରାପ୍ତ ଲେଖକ ଜୟନ୍ତ ବେହେରା ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ବିଜୁ ଏକ୍ସପ୍ରେସ୍ ୱେ ମରଣଯନ୍ତା

**ନୂଆପଡ଼ା,୧।୧୦ (ମକାରୁ ବେମାଲ)**



ଖାଲଖମା ହୋଇଥିବା ବିଜୁ ଏକ୍ସପ୍ରେସ୍ ୱେ।

ନୂଆପଡ଼ା ଜିଲା ଘାଟିପଡ଼ା ଦେଇ ଯାଇଥିବା ବିଜୁ ଏକ୍ସପ୍ରେସ୍ ୱେ ମରଣଯନ୍ତା ପାଲଟିଛି। ରାସ୍ତାରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ପ୍ରତିଦିନ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ଜିଲାର ଘାଟିପଡ଼ାଠାରୁ ହାତିବନ୍ଧା ପଞ୍ଚାୟତ ଧିଙ୍ଗିଆମୁଣ୍ଡା ପର୍ଯ୍ୟନ୍ତ ୯୨ କି.ମି. ବିଜୁ ଏକ୍ସପ୍ରେସ୍ ୱେ ଅତିକ୍ରମ କରିଛି। ସିନାପାଲି ବ୍ଲକ୍‌ର ସରଧାପୁର, ଘଣ୍ଟିଗୁଡ଼ା, ଯୁଗେନପଦର ଗୋଲେଇ ଛକଠାରେ ରାସ୍ତାର ଉଭୟ ପାର୍ଶ୍ୱରେ ମେଟାଲ, ଗେଟି ବାହାରି ଖାଲଖମା ହୋଇଛି। ସେହିପରି କୋମନା ବ୍ଲକ୍‌ର ଘାଟିପଡ଼ା, କୁସଦହନା, ଦିଆମୁଣ୍ଡା, ମୁଣ୍ଡାପଲା, ବାଗମୁଣ୍ଡା ପର୍ଯ୍ୟନ୍ତ ପିଚୁ ଉଠି ରାସ୍ତା ଅତି ଶୋଚନୀୟ ହୋଇପଡ଼ିଛି । ଅତ୍ୟଧିକ ଖାଲଖମା ହେବାରୁ ବିଭାଗ ପକ୍ଷରୁ ମୁଣ୍ଡାପଲାଠାରୁ ବାଗମୁଣ୍ଡା ପର୍ଯ୍ୟନ୍ତ ରାସ୍ତାକୁ ଖୋଳି ଗେଟି, ମେଟାଲ ବାହାରକରି ଡାଇଭର୍ସନ ଲେଖି ରାସ୍ତା ବନ୍ଦ କରି ଦିଆଯାଇଛି । ସେହି ଡାଇଭର୍ସନରେ ପ୍ରତିଦିନ ବାଇକ୍ ଆରୋହୀ ପିଚିହୋଇ ଗୁରୁତର ହେଉଛନ୍ତି। ରାସ୍ତା ଖୋଳିବାର ୩/୪ ମାସ ହୋଇଯାଇଥିଲେ ମଧ୍ୟ ସମ୍ପୂର୍ଣ୍ଣ କରାଯାଉନାହିଁ। ବିଭାଗୀୟ କର୍ତ୍ତପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେଇ ରାସ୍ତାକାମ ସମ୍ପୂର୍ଣ୍ଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ସୁକାନ୍ତ ଗଡ଼ତିଆଙ୍କୁ ପଚାରିବାରୁ ବର୍ଷାଦିନେ ତରବରିଆ ଭାବରେ କାମକଲେ ପୁଣି ପିଚୁ ବାହାରି ରାସ୍ତା ଆହୁରି ଖରାପ ହୋଇଯିବା ଆଶଙ୍କାରେ ଅଟକିରହିଛି। ୩୦ ତାରିଖଠାରୁ କାମ ଆରମ୍ଭ ହେବ ବୋଲି ସେ କହିଥିଲେ।

# ଜନସମ୍ପର୍କ ପଦଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

**ଖଡ଼ିଆଳ,୧।୧୦ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ତରଫରୁ ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀଠାରୁ ହେବାକୁ ଥିବା ଜନସମ୍ପର୍କ ପଦଯାତ୍ରାକୁ ସଫଳ କରିବା ନେଇ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଦଳୀୟ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ଅକ୍ଟୋବର ୨ରୁ ୬ ଓ ଦ୍ୱିତୀୟ ପର୍ଯ୍ୟାୟ ୨୧ରୁ ୩୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ପଦଯାତ୍ରା ମାଧ୍ୟମରେ ଦଳର ଆଗାମୀ ଯୋଜନା ଓ ବର୍ତ୍ତମାନ ସରକାରଙ୍କ ବିଫଳତା ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ




ବୈଠକରେ ଉପସ୍ଥିତ ବିଧାୟକଙ୍କ ସହ ଦଳୀୟ କର୍ମକର୍ତ୍ତା।

ସ୍ଥିର କରାଯାଇଥିଲା। ବୈଠକରେ ବରିଷ୍ଠ ନେତା ତଥା କଳାହାଣ୍ଡି ସାଂସଦ ପ୍ରାର୍ଥୀ ଲମ୍ବୋଦର ନିଆଲ, ଜିଲା ପରିଷଦ ସଦସ୍ୟ ତଥା ଜିଲା କାର୍ଯ୍ୟକାରୀ ସଭାପତି ଚିତ୍ତରଞ୍ଜନ ବେହେରା, ଜିଲା ପରିଷଦ ସଭ୍ୟ ତଥା ଖଡ଼ିଆଳ ସଭାପତି ମାଲ୍ୟବନ୍ତ ସୁନା, ଜିଲା ପରିଷଦ ସଦସ୍ୟା ତନୟା ଶବର, ଖଡ଼ିଆଳ ବ୍ଲକ୍ ଉପାଧ୍ୟକ୍ଷ ଗୌତମ ତାଣ୍ଡି, ଜିଲା ମହିଳା ସଭାନେତ୍ରୀ ସରସ୍ୱତୀ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ

**ଭବାନୀପାଟଣା,୧।୧୦(ଉତ୍ତମ କୁମାର ଦାଶ)**




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

କଳାହାଣ୍ଡି ଜିଲାସ୍ତରୀୟ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ମଙ୍ଗଳବାର ଭବାନୀପାଟଣା ସହର ଟାଉନ ହଲଠାରେ ପାଳିତ ହୋଇଯାଇଛି। ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ୩ ଶହରୁ ଅଧିକ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଯୋଗକ୍ରିୟା ପରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ସାଂସଦ ମାଳବିକା କେଶରୀ ଦେଓ ଯୋଗଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳସଚିବ ପିତାମ୍ବର ଭୋଇ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଓଡ଼ିଶା ସରକାରୀ ଅବସର ପ୍ରାପ୍ତ କର୍ମଚାରୀ ସଂଘ ସଭାପତି ଶରତ ଚନ୍ଦ୍ର ନାୟକ, ବରିଷ୍ଠ ନାଗରିକ ସଂଘ ସଭାପତି ଗଜେନ୍ଦ୍ର ପାଢ଼ୀ ଓ ଅବସରପ୍ରାପ୍ତ ବନ ବିଭାଗ କର୍ମଚାରୀ ସଂଘ ସଭାପତି ସନ୍ତୋଷ କୁମାର ରଥ ପ୍ରମୁଖ ଯୋଗ ଦେଇ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ବିରେନ୍ଦ୍ର କୁମାର କହଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୧୦ ଜଣ ନୂତନ ହିତାଧିକାରୀଙ୍କୁ ମଧୁ ବାବୁ ଭତ୍ତା ପ୍ରଦାନ ସହ ୫୮ ଜଣ ଦିବ୍ୟାଙ୍ଗଙ୍କୁ ସ୍ୱୟଂ ନିୟୋଜନ ଉପକରଣ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ୨ଜଣ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ଅସନ୍ତୋଷ ଜାହିର କଲେ ଛାତ୍ରୀଛାତ୍ର



ଏନ୍‌ସିସି ପୁନଃ ସ୍ଥାପନ ଦାବିରେ ବରଗଡ଼ ପଞ୍ଚାୟତ କଲେଜ ଛାତ୍ରୀଛାତ୍ର ଜିଲାପାଳଙ୍କ କାର୍ଯ୍ୟାଳୟରେ।

## ବରଗଡ଼ ପଞ୍ଚାୟତ କଲେଜ
## ଏନ୍‌ସିସି ପ୍ରତ୍ୟାହାର: ଶାସକ, ପ୍ରଶାସକ ନୀରବ

ବରଗଡ଼,୧।୧୦(ପ୍ରେମାନନ୍ଦ ଖମାରୀ)

ଦେଶର ସୁରକ୍ଷା ପାଇଁ ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି) ଏକ ପ୍ରମୁଖ ଅଙ୍ଗ। ବାହ୍ୟଶତ୍ରୁକୁ ପ୍ରତିହତ କରିବା ପାଇଁ ଏଠାରୁ ଶିକ୍ଷାର୍ଥୀଙ୍କ ମୂଳଦୁଆ ପଡ଼େ। ତେବେ ପଶ୍ଚିମ ଓଡ଼ିଶାର ଐତିହ୍ୟ ସମ୍ପନ୍ନ ୧୯୬୦ରୁ ପ୍ରତିଷ୍ଠିତ ବରଗଡ଼ ପଞ୍ଚାୟତ କଲେଜରୁ ଏନ୍‌ସିସି ପ୍ରତ୍ୟାହାର କରି ନିଆଯାଇଛି। ଶୃଙ୍ଖଳାର ଅଭାବ, କଲେଜ କର୍ତ୍ତୃପକ୍ଷଙ୍କ ଦୃଷ୍ଟିହୀନତା ତଥା ଅବହେଳା ଯୋଗୁ କଲେଜରେ ଏନ୍‌ସିସି ପ୍ରବେଶିକା ବନ୍ଦ ରହିଛି। ୧୯୬୨-୬୩ ଶିକ୍ଷାବର୍ଷରୁ ଉକ୍ତ କଲେଜରେ ଏନ୍‌ସିସି ସ୍ଥାପିତ ହୋଇଥିଲା। ଏହି କଲେଜର ଏନ୍‌ସିସି କେବଳ ଦେଶ ନୁହେଁ, ଦେଶ ବାହାରେ ମଧ୍ୟ ନିଜ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ପ୍ରତିବର୍ଷ ଉକ୍ତ କଲେଜର ଏନ୍‌ସିସି କ୍ୟାଡେଟ୍ ନୂଆଦିଲ୍ଲୀର ରିପବ୍ଲିକ ଡେ କ୍ୟାମ୍ପ (ଆରଡ଼ିସି) ଥେଲା ସୈନିକ କ୍ୟାମ୍ପ(ଟିଏଲସି), ୟୁଥ୍ ଏକ୍ସଚେଞ୍ଜ ପ୍ରୋଗ୍ରାମ(ୱାଇଇପି), ନ୍ୟାଶନାଲ ଇଣ୍ଟିଗ୍ରେଶନ କ୍ୟାମ୍ପ(ଏନଆଇସି)ରେ ଭାଗ ନେଇ ଆସୁଥିଲେ। କେବଳ ସେତିକି ନୁହେଁ, ୨୦୦୮ରେ ଉକ୍ତ କଲେଜ ଏନ୍‌ସିସିର ତତ୍କାଳୀନ ଏନସିସି ତତ୍କାଳୀନ ସିନିୟର ଅଣ୍ଡର୍ ଅଫିସର ଦୁଷ୍ମନ୍ତ ସାହୁ ସିଙ୍ଗାପୁରରେ ଅନୁଷ୍ଠିତ ୱାଇଇପିରେ ସାମିଲ ହୋଇଥିବାବେଳେ ୧୨ଜଣିଆ ଟିମ୍ ରାଜସ୍ଥାନରେ ଅନୁଷ୍ଠିତ ଏଭଳି କାର୍ଯ୍ୟକ୍ରମରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରି ଦେଶରେ ପ୍ରଥମ ହୋଇଥିଲା। ସେହିପରି ଉକ୍ତ କଲେଜର ଏନ୍‌ସିସି ରାଜପଥକୁ ପହଞ୍ଚି ସେଠାରେ ପହଞ୍ଚି ଗାର୍ଡ଼ ଅଫ୍ ଅନର୍ ଦେଇଥିଲା। ଏହାସତ୍ତ୍ୱେ ଉକ୍ତ କଲେଜରୁ ଏନ୍‌ସିସି ପ୍ରତ୍ୟାହାର କରି ନିଆଯାଇଛି। ଦୀର୍ଘ ୨ ବର୍ଷରୁ ଅଧିକ ସମୟ ହେଲା, କଲେଜରୁ ଏନ୍‌ସିସି ପ୍ରତ୍ୟାହାର ହେବା ପରେ ସେଥିପ୍ରତି ଉଭୟ ଶାସକ, ପ୍ରଶାସକ ନୀରବ ରହିଛନ୍ତି। ଏହାକୁ ନେଇ କଲେଜର ବର୍ତ୍ତମାନ ଏବଂ ପୂର୍ବତନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି କ୍ରମରେ ମଙ୍ଗଳବାର କଲେଜର ଛାତ୍ରୀଛାତ୍ର ଏନସିସି ପୁନଃସ୍ଥାପନ ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। କଲେଜରୁ ଏନ୍‌ସିସି ପ୍ରତ୍ୟାହାର ସେମାନଙ୍କ ଭାବାବେଗକୁ ଗଭୀର ଆଘାତ ଦେଇଛି ବୋଲି ସେମାନେ କହିଛନ୍ତି।

## ଏମାନେ କୁହନ୍ତି...

### ଦାବି ପୂରଣ ନ ହେଲେ ହରତାଲ୍



" ଏନ୍‌ସିସିରେ ସାମିଲ ହେବା ସହିତ ଦେଶ ସେବା ଲକ୍ଷ୍ୟ ରଖି ପଞ୍ଚାୟତ କଲେଜରେ ବହୁ ଛାତ୍ରୀଛାତ୍ର ନାମ ଲେଖାଇଥାନ୍ତି। କିନ୍ତୁ ଦୁଃଖର ବିଷୟ, ୨ ବର୍ଷରୁ ଅଧିକ ହେଲା, ଆମ କଲେଜରେ ଏନ୍‌ସିସି ବନ୍ଦ ରହିଛି। କଲେଜ ଅଧ୍ୟକ୍ଷଙ୍କୁ ଏନ୍‌ସିସି ପୁନଃସ୍ଥାପନ ଦିଗରେ ପଦକ୍ଷେପ ନେବା ପାଇଁ ବାରମ୍ବାର ଅବଗତ କରି ଆସିଛୁ। କିଛି ସୁଫଳ ନ ମିଳିବାରୁ ଜିଲାପାଳଙ୍କ ପାଖକୁ ଆସିଛୁ। ଜିଲାପାଳ ସେ ଦିଗରେ ପଦକ୍ଷେପ ନେବେ ବୋଲି ଆଶା ବାନ୍ଧିଛୁ। ଏହାସତ୍ତ୍ୱେ କଲେଜରେ ଏନସିସି ପୁନଃସ୍ଥାପନ ନ ହେଲେ, ଆମେ ଆଗକୁ ହରତାଲ୍ କରିବୁ। ଏନ୍‌ସିସି ପୁନଃସ୍ଥାପନ ଦାବିରେ କଲେଜ ବନ୍ଦ କରିବାକୁ ମଧ୍ୟ ବାଧ୍ୟ ହେବୁ।

–ସୁପ୍ରିୟା କୁଅଁର, କଲେଜ ଛାତ୍ରୀ

### ପୁନଃ ସ୍ଥାପନ ହେଉ ଏନ୍‌ସିସି



" ବରଗଡ଼ ପଞ୍ଚାୟତ କଲେଜ ଏନ୍‌ସିସି ଛାତ୍ରୀଛାତ୍ରଙ୍କୁ କେବଳ ସାମରିକ ଶିକ୍ଷା ପ୍ରଦାନ କରୁଥିଲା, ତାହା ନୁହେଁ। ଛାତ୍ର ଜୀବନରୁ ସୁନାଗରିକ ଗଢ଼ିବା ସହିତ ଦେଶସେବା ପାଇଁ ସମସ୍ତଙ୍କୁ ଜାଗ୍ରତ କରି ଆସୁଥିଲା। ଗ୍ରାମାଞ୍ଚଳର ଛାତ୍ରୀଛାତ୍ରଙ୍କୁ ମଧ୍ୟ ସେହି ସୁଯୋଗ ମିଳୁଥିଲା। ଏଠାରେ ଦିନେ ପ୍ରଶିକ୍ଷଣ ନେଇଥିବା ପୂର୍ବତନ ଏନସିସି ଛାତ୍ରୀଛାତ୍ର ଏବେ ତଥା ରାଜ୍ୟ ବାହାରେ ସାମରିକ, ବେସାମରିକ ବାହିନୀରେ କର୍ତ୍ତବ୍ୟରତ ରହି ସେମାନଙ୍କ ଦକ୍ଷତା, ପରାକାଷ୍ଠା ପ୍ରଦର୍ଶନ କରି ସାରିଛନ୍ତି। ଉକ୍ତ କଲେଜରୁ ଏନସିସି ପ୍ରତ୍ୟାହାର କରି ନେବା ପରିତାପର ବିଷୟ। କଲେଜରେ ଏନସିସି ପୁନଃସ୍ଥାପନ କରିବାର ଯଥେଷ୍ଟ ଆବଶ୍ୟକତା ରହିଛି।

–ବିକାଶ ଅଗ୍ରୱାଲ, ପୂର୍ବତନ ଏନ୍‌ସିସି ଛାତ୍ର

### ଏନ୍‌ସିସି ପ୍ରତ୍ୟାହାର ଦୁଃଖଦ ଖବର



" ମୁଁ ବରଗଡ଼ ପଞ୍ଚାୟତ କଲେଜରେ ପଢୁଥିଲି। ଏନ୍‌ସିସି ଛାତ୍ର ଥିଲି। ୨୦୦୮ ବ୍ୟାଚ୍‌ରେ କଲେଜ ଏନ୍‌ସିସିର ଜୁନିୟର ଅଣ୍ଡର୍ ଅଫିସର୍ ଥିଲି। ବି ଏବଂ ସି ସାର୍ଟିଫିକେଟ୍ ମଧ୍ୟ ପାଇଥିଲି। ଏହି କଲେଜର ଏନ୍‌ସିସିରେ ସାମିଲ ହୋଇ ରାଜ୍ୟ ଏବଂ ରାଜ୍ୟ ବାହାର ଅନେକ କ୍ୟାମ୍ପରେ ଯୋଗଦାନ କରିଛି। ଦେଶସେବା, ଶୃଙ୍ଖଳା, ଦେଶ ପ୍ରତି ଦାୟିତ୍ୱବୋଧ ଆଦି ଉପରେ ଜ୍ଞାନ ଆହରଣ କରିଛି। ନିଜକୁ ବହୁତ ଗର୍ବିତ ଅନୁଭବ କରିଥିଲି। ହେଲେ ଯେଉଁ କଲେଜ ପାଇଁ ମୁଁ ଗର୍ବ ଅନୁଭବ କରୁଥିଲି, ସେହି କଲେଜରୁ ଦୀର୍ଘ ୨ ବର୍ଷରୁ ଅଧିକ ସମୟ ହେଲା ଏନ୍‌ସିସି ଖାଲି ପଡ଼ିଥିବା ଖବର ପାଇଁ ବହୁତ ଦୁଃଖ ଅନୁଭବ କରୁଛି।

–ସଞ୍ଜୟ ଶତପଥୀ

# କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ



ପାଇକମାଲ,୧।୧୦(ବଡ ଶତପଥୀ)

ବରଗଡ ଜିଲା ପାଇକମାଲ ବ୍ଲକ ମାଳପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାଳପଡା କ୍ଲଷ୍ଟରର ୧୧ଟି ବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଏବିଇଓ ରାଧେଶ୍ୟାମ ମେହେର ଓ ସମ୍ମାନିତ ଅତିଥି ଭାବରେ ଏବିଇଓ ଧଳେନ୍ଦ୍ର ବାରିକ, ସମିତି ସଭ୍ୟ ମହେନ୍ଦ୍ର ଭୋଇ ଉପସ୍ଥିତ ଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ପାଇକମାଳ ବିଇଓ ଚୂଡ଼ାମଣି ବାରିକ ଓ ସମ୍ମାନିତ ଅତିଥି ଭାବରେ ବରିଷ୍ଠ ପ୍ରଶିକ୍ଷକ ବେଣୁଧର ବରିହା ଓ ପ୍ରଶିକ୍ଷକା ସସ୍ମିତା ସାହୁ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ସିଆରସିସି ସନ୍ତୋଷ କୁମାର ମେହେର ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଶିକ୍ଷକ ରୋହିତ କୁମାର ସାହୁ, ଅଶିନୀ ଭୁଏ, ସନ୍ତୋଷ କୁମାର ସାହୁଙ୍କ ସମେତ କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ମାଳପଡା ଗ୍ରାମବାସୀ ସହଯୋଗ କରିଥିଲେ। ପ୍ରଧାନ ଶିକ୍ଷକ ଗୋବିନ୍ଦ ଶଗରିଆ ଧନ୍ୟବାଦ ଦେଇଥିଲେ।

# ଖୁଣ୍ଟପାଲିରେ ସୁରଭି କାର୍ଯ୍ୟକ୍ରମ


ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ରବୃନ୍ଦ।

ବରଗଡ଼,୧।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଅନ୍ତର୍ଗତ ଖୁଣ୍ଟପାଲି ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନ ଗଙ୍ଗାଧର ମେହେର ସରକାରୀ ଉଚ୍ଚ ବିଦ୍ୟାଳୟରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ଅନ୍ତର୍ଗତ ୧୩ ବିଦ୍ୟାଳୟର ଛାତ୍ରୀଛାତ୍ର ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ରମଣୀ ରଞ୍ଜନ ରାଉତ ସଭାପତିତ୍ୱ କରିଥିଲେ। ସ୍ଥାନୀୟ ସରପଞ୍ଚ ବେଲାଲସେନ ମେହେର ମୁଖ୍ୟଅତିଥି ଏବଂ ନାଏବ ସରପଞ୍ଚ ଛାୟାବତୀ କୁମ୍ଭାର ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସାଧନ କେନ୍ଦ୍ର ସଂଯୋଜକ ବିଜୟ କୁମାର ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଯଶୋବନ୍ତ ମେହେର, ଦିବାକର ମାଝି, ମମତା ଦାଶ, ପ୍ରତିମା ସୁନା, ତପସ୍ୱିନୀ କୁମ୍ଭାର ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିବୃନ୍ଦ ପୁରସ୍କୃତ କରିଥିଲେ।


କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

# ଜିଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା

ବରଗଡ଼,୧।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଜିଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା ଟୁକୁର୍ଲାସ୍ଥିତ ବରଗଡ଼ ବିଜ୍ଞାନ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜ୍ଞାନ ନିରୀକ୍ଷକ ଧୀରୋଜ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷକ ଗୋବିନ୍ଦ ସେଠ ସଭା ପରିଚାଳନା କରିଥିଲେ। ଶିକ୍ଷକ ପ୍ରକାଶ ପଣ୍ଡା, ଶିବାନନ୍ଦ ମହାନନ୍ଦ, ସଞ୍ଜୟ ପାଢ଼ୀ ବିଚାରକଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଏଥିରେ ବରଗଡ଼ ଜିଲା ଅନ୍ତର୍ଗତ ଅମ୍ବାଭୋନା, ଅତାବିରା, ବରଗଡ଼, ପାଇକମାଲ, ରାଜବୋଡ଼ାସମ୍ବର ଆଦି ବ୍ଲକରୁ ମନୋନୀତ ବିଭିନ୍ନ ବିଦ୍ୟାଳୟର ଶିଶୁ କଳାକାର ଅଂଶଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ ସଞ୍ଜୁରାଣୀ ଦେବତାଙ୍କ ମାର୍ଗଦର୍ଶନରେ ବରଗଡ଼ ବ୍ଲକର ନିଶାମଣି ହାଇସ୍କୁଲ, ଶିକ୍ଷୟିତ୍ରୀ ନମିତା ବିଶିଙ୍କ ମାର୍ଗଦର୍ଶନରେ ଅତାବିରା ବ୍ଲକର ଲରମ୍ବା ହାଇସ୍କୁଲ, ଶିକ୍ଷୟିତ୍ରୀ ସୌଦାମିନୀ ବାରିକ ଓ ଶିକ୍ଷକ ସଞ୍ଜୟ ଖମାରୀଙ୍କ ମାର୍ଗଦର୍ଶନରେ ଅମ୍ବାଭୋନା ବ୍ଲକର ଜନତା ହାଇସ୍କୁଲର ଶିଶୁ କଳାକାରମାନେ ଶ୍ରେଷ୍ଠ ପ୍ରଦର୍ଶନ କରି ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଉଦ୍‌ଯାପନୀ ସମାରୋହରେ ଅତିଥିବୃନ୍ଦ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ପ୍ରିୟବ୍ରତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀବୃନ୍ଦ।

# କଳାକାରଙ୍କୁ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଶ୍ରଦ୍ଧାଞ୍ଜଳି

ବରଗଡ଼,୧।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ସ୍ଥିତ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ପଶ୍ଚିମ ଓଡ଼ିଶାର ବିଶିଷ୍ଟ କଳାକାର ତଥା ମୃଦଙ୍ଗ ବାଦକ ସ୍ୱର୍ଗତ ଭିକାରୀ ମିଶ୍ରଙ୍କ ଶ୍ରାଦ୍ଧବାର୍ଷିକୀ ଅନୁଷ୍ଠିତ ହୋଇଯାଇଛି। ଭିକାରୀ ମିଶ୍ର ସ୍ମୃତି କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତାବିରା ଥାନା ଅଧିକାରୀ ସୁକୁମାର ତ୍ରିପାଠୀ, ମୃତ୍ୟୁଞ୍ଜୟ ମେହେର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅତିଥିବୃନ୍ଦ ସ୍ୱର୍ଗତ ମିଶ୍ର ଏବଂ ତାଙ୍କ ପତ୍ନୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ବଧିର ବିଭାଗର ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିଲେ। ସଙ୍ଗୀତ ଶିକ୍ଷକ ଅମରେଶ ବାରିକଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ୩ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଆଶା ଭୋସାଗର, ରଶ୍ମି ବିଶି, ଭାଗିରଥି ବାଗଙ୍କୁ ସଙ୍ଗୀତ କଳା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶିକ୍ଷକ ଦୁଃଖୀସେବକ ସାହୁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସ୍ମୃତି କମିଟି ସଭାପତି ଆକାଶ ମିଶ୍ର, ଗୋପାଳ ମିଶ୍ର, କାମାରି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅତାବିରାର ସଂକୀର୍ତ୍ତନ ପ୍ରେମୀ ଦୁର୍ଯ୍ୟୋଧନ ଗଡ଼ତିଆ, ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମେଘନାଦ ସାହୁ, ସାଧୁ ଗଡ଼ତିଆ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଆଶାବତୀ କୁମ୍ଭାର, ବିଜୟା ପ୍ରଧାନ, କାମଦେବ ବେହେରା, କିଶୋର ପଟେଲ, ଗଣେଶ ବର୍ଗେ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସ୍ମୃତି କମିଟି ସମ୍ପାଦିକା ଅନସୂୟା ଦେବତା ଧନ୍ୟବାଦ ଅର୍ପଣ କରିଥିଲେ।

# ବଳାତ୍କାରୀଙ୍କୁ ୧୦ବର୍ଷ କାରାଦଣ୍ଡ

ବରଗଡ଼,୧।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଭଟଲି ଥାନା ଅନ୍ତର୍ଗତ କର୍ଲାଜୁରୀ ଗ୍ରାମରେ ୨୦୨୨ ଜୁଲାଇରେ ସଂଘଟିତ ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଉକ୍ତ ମାମଲାର ଅଭିଯୁକ୍ତ କର୍ଲାଜୁରୀ ଗ୍ରାମର ବିଜୟ କୁମାର ନାଏକଙ୍କୁ ବିଚାରପତି ୧୦ବର୍ଷ କାରାଦଣ୍ଡ ଏବଂ ୧୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ କାରାଦଣ୍ଡ ଅବଧିକୁ ୪ମାସ ବୃଦ୍ଧି କରିବାକୁ ବିଚାରପତିଙ୍କ ଆଦେଶ ରହିଛି। ସେହିପରି ପୀଡ଼ିତାକୁ ୪ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରିବା ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନା ଅନୁଯାୟୀ, ବିଜୟ କମଦେଇ ଦେବୀଙ୍କ ଆଶିର୍ବାଦ ମିଳିଛି ଏବଂ ସେ ବିଭିନ୍ନ ରୋଗ ଉପଶମ କରୁଥିବା ନେଇ କହି ଆସୁଥିଲେ। ଏହି କ୍ରମରେ ଗତ ୨୦୨୨ ଜୁଲାଇରେ ଜଣେ ଅସୁସ୍ଥ ମହିଳା ତାଙ୍କ ସ୍ୱାମୀଙ୍କ ସହିତ ଅଭିଯୁକ୍ତଙ୍କ ପାଖକୁ ଆସିଥିଲେ। ବିଜୟ ସମ୍ପୃକ୍ତ ମହିଳାଙ୍କୁ ଅନ୍ଧକାର କୋଠରୀକୁ ନେଇ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ତାଙ୍କ ଅଭିଯୋଗକୁ ଭିତ୍ତି କରି ଭଟଲି ଥାନା ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ମାମଲା ବରଗଡ଼ କୋର୍ଟରେ ଚାଲିଥିଲା। ସରକାରଙ୍କ ପକ୍ଷରୁ ଆଡ଼ଭୋକେଟ୍ ବିମଳ କିଶୋର ଦେବତା ଏବଂ ଦ୍ୟୁତିଶ ଆଚାର୍ଯ୍ୟ ଉକ୍ତ ମାମଲା ପରିଚାଳନା କରୁଥିଲେ।

# ଶିବିରରେ ୮୦ୟୁନିଟ୍ ରକ୍ତ ସଂଗ୍ରହ

ବରଗଡ଼,୧।୧୦(ପ୍ରେମାନନ୍ଦ ଖମାରୀ): ଜାତୀୟ ରକ୍ତଦାନ ଦିବସ ପାଳନ ଅବସରରେ ସାମାଜିକ ଅନୁଷ୍ଠାନ ନିଷ୍ଠା ପରିବାର ପକ୍ଷରୁ ବରଗଡ଼ ବ୍ଲକ ଗାଇସୀମା ପଞ୍ଚାୟତ ଅନ୍ତର୍ଗତ ମାଲିପାଲି ଫୁଟବଲ ପଡ଼ିଆରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଏସପି ତପନ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିର ଉଦଘାଟନ କରିଥିଲେ। ଡା. ରାଧେଶ୍ୟାମ ଅଗ୍ରୱାଲ, ସ୍ଥାନୀୟ ସରପଞ୍ଚ ଧୀରେନ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଉକ୍ତ ଶିବିରରେ ସମୁଦାୟ ୮୦ୟୁନିଟ୍ ରକ୍ତ ସଂଗୃହ ହୋଇଥିଲା ସେଥିମଧ୍ୟରୁ ବରଗଡ଼ ରକ୍ତଭଣ୍ଡାର କର୍ମଚାରୀମାନେ ୩୦ୟୁନିଟ୍ ଏବଂ ବୁର୍ଲା ରକ୍ତଭଣ୍ଡାର କର୍ମଚାରୀମାନେ ୫୦ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ମାଲିପାଲି ଆଥଲେଟିକ ଆସୋସିଏଶନର ସଦସ୍ୟ ଏବଂ ଗାଇସୀମା ଗ୍ରାମବାସୀ ରକ୍ତଦାନ କରିଥିଲେ। ନିଷ୍ଠା ପରିବାରର ଉପଦେଷ୍ଟା ଦୁର୍ଗାଦଳ ଷଡ଼ଙ୍ଗୀ, ଅଶ୍ୱିନୀ ତ୍ରିପାଠୀ, ସଭାପତି ରକ୍ଷପାଳ ସାହୁ, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ସାହୁ, ଜୟନ୍ତ ପ୍ରଧାନ, ଚିତ୍ର ପ୍ରଧାନ, ବିଦ୍ୟାଧର ଭୋଇ, ନରୋତ୍ତମ ଭୋଇ, ଆଦିତ୍ୟ ସାହୁ, ଗିରିଧାରୀ ପ୍ରଧାନ ପ୍ରମୁଖ ଶିବିର ପରିଚାଳନା କରିଥିଲେ।

# ବରଗଡ଼ରେ ବରିଷ୍ଠ ନାଗରିକ ଦିବସ

ବରଗଡ଼,୧।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ପ୍ରଶାସନ ତଥା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲରେ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟଅତିଥି ଏବଂ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଜିଲା ବରିଷ୍ଠ ନାଗରିକ ସଂଘ କର୍ମକର୍ତ୍ତା ଏବଂ ଜିଲା ଆଇନ ସେବା ପ୍ରାଧିକରଣର ବିଚାରପତି ପ୍ରମୁଖ ମଞ୍ଚାସୀନ ଥିଲେ। ବରିଷ୍ଠ ନାଗରିକଙ୍କ କଲ୍ୟାଣ ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ଯୋଜନା ଏବଂ ସାମାଜିକ ସୁରକ୍ଷା ଉପରେ ଅତିଥିମାନେ ଆଲୋଚନା କରିଥିଲେ। ଏହା ସହିତ ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ଯୋଜନାଗୁଡ଼ିକ ଯେଭଳି ସହଜରେ ବରିଷ୍ଠ ନାଗରିକଙ୍କ ପାଖକୁ ପହଞ୍ଚି ପାରିବ, ସେ ଦିଗରେ ଜିଲା ପ୍ରଶାସନ ତତ୍ପର ରହିଛି ବୋଲି ଅତିଥିବୃନ୍ଦ ପ୍ରକାଶ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# ଅତାବିରା ବ୍ଲକସ୍ତରୀୟ ସୁରଭି ଉଦ୍‌ଯାପିତ

ସରଣ୍ଡା,୧।୧୦(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ମଙ୍ଗଳବାର ଗୋଡ଼ଭଗା ଜନତା ନୋଡାଲ ଉଚ୍ଚ ବିଦ୍ୟାଳୟଠାରେ ଉଦ୍‌ଯାପିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ସୁଶ୍ରୀ ମିଶ୍ରାଣୀ କୁମ୍ଭାରଙ୍କ ସଭାପତିତ୍ୱରେ ଅତାବିରା ବିଧାୟକ ନିହାରରଞ୍ଜନ ମହାନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣାବଳୀ ବିକାଶରେ ଶିକ୍ଷକଙ୍କ ଭୂମିକା ଉପରେ ମତ ରଖିଥିଲେ। ଏହି ଅବସରରେ ସ୍ୱତନ୍ତ୍ର ଅତିଥି ରୂପେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବରଗଡ଼ ଜ୍ୟୋତିକାନ୍ତ ସାହୁ, ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ତ୍ତିକ ବାଗ ଏବଂ ତପନ କୁମାର ଦାସ, ପାହାଡ଼ଶ୍ରୀଗିଡା ମହାବିଦ୍ୟାଳୟ ଅଧ୍ୟକ୍ଷ ରାମକୃଷ୍ଣ ସାହୁ, ଜନତା ନୋଡାଲ ଉଚ୍ଚ ବିଦ୍ୟାଳୟ ଗୋଡ଼ଭଗା ପ୍ରଧାନ ଶିକ୍ଷକ ଅଦନ ସୁନା,


ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମିଶନ କାର୍ଯ୍ୟକ୍ରମର ଲୋଗୋ ମୁଖ୍ୟଅତିଥି ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ଉନ୍ମୋଚନ କରୁଛନ୍ତି।

ଅତାବିରା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମନୋଜ ହରିପାଲ ଏବଂ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ମନୋରଞ୍ଜନ ମିଶ୍ର। ଏହି ଅବସରରେ ବିତର୍କ, ବକ୍ତୃତା, ଚିତ୍ରାଙ୍କନ, କୁଇଜ, ପ୍ରବନ୍ଧ ଲିଖନ, ସୃଜନଶୀଳ ଲିଖନ, ଓଡ଼ିଆ ହସ୍ତାକ୍ଷର ଓ ଶ୍ରୁତଲିଖନ, ହସ୍ତକଳା, ଶିଳ୍ପ କଳା, ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ସିଆରସିସି କେଶବ ଛନ୍ଦ ଓ ରଶ୍ମିରାଣୀ ନନ୍ଦ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବରଗଡ଼ ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ସ୍ୱତନ୍ତ୍ର ଅତିଥି ଭାବେ ଜିଲା ଶିକ୍ଷା ଓ ତାଲିମ ପ୍ରତିଷ୍ଠାନ ବରଗଡ଼ ଅଧ୍ୟକ୍ଷ ରଜନୀକାନ୍ତ ଦାଶ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଗାୟକ ପଦ୍ମଶ୍ରୀ ଜିତେନ୍ଦ୍ରିୟ ହରିପାଲ, ଅତାବିରା ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ନାଏକ, ଉପାଧ୍ୟକ୍ଷ ଅନନ୍ତ ମେହେର, ଅତାବିରା ଏନଏସି ଅଧ୍ୟକ୍ଷ ବନମାଳି ବରିହା, ଗୋଷ୍ଠୀ ଶିକ୍ଷା ଅଧିକାରୀ ଭେଡେନ ମଛିନ୍ଦ୍ର ମଲ୍ଲିକ, ଗୋଡ଼ଭଗା ଗ୍ରାମ ପଞ୍ଚାୟତ ସରପଞ୍ଚ ମଞ୍ଜୁଲତା ସେଠ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ବ୍ଲକର ପ୍ରଧାନ ଶିକ୍ଷକ ଯାଦବ ପ୍ରଧାନ, ଚିତ୍ତରଞ୍ଜନ ପ୍ରଧାନ, ସୁଧୀର ରଥ, ସନ୍ତୋଷ କର, ଧ୍ରୁପତି ସିଆରସିସି ନନ୍ଦିଘୋଷ ଭୁଏ, ରଶ୍ମିଭ ପଣ୍ଡା, ତ୍ରିଲୋଚନ ସେଠ, ରଞ୍ଜନ ବାଗ, ଧରମ ନାଏକ, କିଚକ ସୁନା, କୃତାର୍ଥ ଚନ୍ଦ୍ର ଭୁଏ, ଜୟଦେବ ନାଏକ, ଭକ୍ତ କଂହେଇ, ରାଜୀବ ବିଶ୍ୱାଳ, ଶିକ୍ଷକ ମନୋହର ଦାସ, ରବି ପ୍ରସାଦ ଗୁପ୍ତା, ଜନତା ନୋଡାଲ ଉଚ୍ଚ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ବ୍ଲକର ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଏହି ଅବସରରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ ଉପଲକ୍ଷେ ବରିଷ୍ଠ ଅବସର ପ୍ରାପ୍ତ ଶିକ୍ଷକ ବେଣୁଧର ମିଶ୍ର ଓ ନିଶିକାନ୍ତ ପଣ୍ଡାଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଅତିଥିମାନଙ୍କ ଦ୍ୱାରା ବ୍ଲକସ୍ତରୀୟ ନିପୁଣ ଓଡ଼ିଶା ମିଶନ କାର୍ଯ୍ୟକ୍ରମର ଲୋଗୋ ଉନ୍ମୋଚନ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ରଞ୍ଜୁଲତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ସ୍କୁଲ ଅଟୋ ଓଲଟି ୪ ଛାତ୍ର ଆହତ

**ରାଉରକେଲା,୧।୧୦(ସଙ୍ଗୀତା ଜେନା):** ସେକ୍ଟର-୩ ଥାନା ଅନ୍ତର୍ଗତ ସେକ୍ଟର-୪ ଓ ଆମ୍ରଗାନ ମଝିରେ ମଙ୍ଗଳବାର ସକାଳେ ଏକ ସ୍କୁଲ ଅଟୋ ଓଲଟି ୪ଜଣ ଛାତ୍ର ଆହତ ହୋଇଛନ୍ତି। ଆହତମାନେ ହମିରପୁର ସ୍ଥିତ କାର୍ମେଲ ଏବଂ ସେଣ୍ଟ ପଲ୍ସ ଇଂରାଜୀ ସ୍କୁଲର ଅଟନ୍ତି। ସ୍କୁଲରୁ ଘରକୁ ଫେରିବା ସମୟରେ ଉକ୍ତ ଅଟୋ (ନଂ.ଓଡ଼ି୧୪ଜେ/୭୭୨୨) ଓଲଟିପଡ଼ିଥିଲା। ଘଟଣାସ୍ଥଳରେ ପୋଲିସ ଓ ସ୍ଥାନୀୟ ଲୋକମାନେ ପହଞ୍ଚି ଆହତମାନଙ୍କୁ ଆଇଜିଏଚ୍‌ରେ ଭର୍ତ୍ତି କରିଥିଲେ। ଆହତମାନଙ୍କ ମଧ୍ୟରୁ ଜଣଙ୍କୁ ଜେପି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ତେବେ ଖବର ଲେଖା ହେବା ସୁଦ୍ଧା (ସନ୍ଧ୍ୟା ୭ଟା) ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

### ଶ୍ରୀଅରବିନ୍ଦ ସ୍କୁଲରେ ବିଜ୍ଞାନ ମେଳା

**ରାଉରକେଲା,୧।୧୦(ଦିନେଶ ମିଶ୍ର):** ସେକ୍ଟର-୫ ସ୍ଥିତ ଶ୍ରୀଅରବିନ୍ଦ ସ୍କୁଲରେ ବିଜ୍ଞାନ ମେଳା ଓ ଅଗ୍ନିବିନା ଖାଦ୍ୟ ପ୍ରସ୍ତୁତି କାର୍ଯ୍ୟକ୍ରମ ଅଧ୍ୟକ୍ଷା ଅଞ୍ଜଳି ଶତପଥୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଡାକ୍ତର ପ୍ରଶାନ୍ତ ପାତ୍ରଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦୀପିକା ମହିଳା ସଂହତିର ଉପସଭାପତି ପ୍ରଭାତୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ବିଦ୍ୟାଳୟ ସଭାପତି ଡକ୍ଟର ଜ୍ୟୋତ୍ସ୍ନା ପଟ୍ଟନାୟକ ଓ ଡକ୍ଟର କିଶୋରୀ ଦାସ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ବିଜ୍ଞାନ ବିଭାଗର ଜଗଦୀଶ ରଥ, ସୁସ୍ମିତା ମହାପାତ୍ର, ଅରୁପ ସୁବୁଦ୍ଧି, ଶୁଶାନ୍ତ ରାଉତ ଛାତ୍ରୀଛାତ୍ରମାନଙ୍କ ପ୍ରକଳ୍ପଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ। ସେହିପରି ଅଗ୍ନିବିନା ଖାଦ୍ୟ ପ୍ରସ୍ତୁତି ବିଭାଗରେ ବିଚାରକ ଭାବେ ଅରୁନ୍ଧତୀ ନନ୍ଦ, ସ୍ୱାଗତ ରଥ, ଓ ଡକ୍ଟର ସରିତା ମହ୍ଲ ଯୋଗଦେଇ ଖାଦ୍ୟର ମାନ ନିରୂପଣ କରିଥିଲେ। ଏହି ବିଜ୍ଞାନ ମେଳାରେ ବିଦ୍ୟାଳୟର ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

### କୁଇଜ୍ ପ୍ରତିଯୋଗିତାରେ ୫୮ ପ୍ରତିଯୋଗୀଙ୍କ ଅଂଶଗ୍ରହଣ

**ରାଉରକେଲା,୧।୧୦(ଦିନେଶ ମିଶ୍ର):** ଭାରତ ବିକାଶ ପରିଷଦ ରାଉରକେଲା ଶାଖା ଆନୁକୂଲ୍ୟରେ 'ଭାରତ କୋ ଜାନୋ' ଆନ୍ତଃ ବିଦ୍ୟାଳୟ କୁଇଜ୍ ପ୍ରତିଯୋଗିତା ଜଗଦା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ୧୫ଟି ବିଦ୍ୟାଳୟର ମନୋନିତ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାକୁ କୁଇଜ୍ ମାଷ୍ଟର ଶିକ୍ଷୟିତ୍ରୀ ସ୍ମିତା ଓ ଆର. କିରନ୍ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ୧୫ଟି ବିଦ୍ୟାଳୟର ୫୮ ଜଣ ପ୍ରତିଯୋଗୀ, ଗାଇଡ ଶିକ୍ଷକ ଓ ଅଭିଭାବକଙ୍କୁ ମିଶାଇ ୨ଶହ ଜଣ ଉପସ୍ଥିତ ଥିଲେ। ପରିଷଦର ଆଞ୍ଚଳିକ ସଚିବ ଅନୁପମ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସଭାପତି ଅଶୋକ କୁମାର କକ୍କଡ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ଗୋଦାବେରୀଶ ଶତପଥୀ ପରିଷଦର କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ କହିଥିଲେ। ସଂସ୍କାର ସଚିବ ବନ୍ଦିତା ମାହାତୋ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ଜୁନିୟର ଓ ସିନିୟର ବର୍ଗର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅର୍ଥ ସଚିବ ବୈଷ୍ଣବ ଚରଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଭିତ୍ତିଭୂମି ଅଭାବ ଶିକ୍ଷା, ଚିକିତ୍ସାରେ ବାଧକ

**ରାଉରକେଲା ସରକାରୀ ହୋମିଓପ୍ୟାଥି ମେଡିକାଲ କଲେଜ**

ରାଉରକେଲା,୧।୧୦(ବିପ୍ଳବ ରଞ୍ଜନ ଦାଶ)


ହୋମିଓପ୍ୟାଥି ମେଡିକାଲ କଲେଜ ଫାଟକ।

ସେକ୍ଟର-୨୧ରେ ଥିବା ରାଉରକେଲା ହୋମିଓପ୍ୟାଥି ମେଡିକାଲ କଲେଜରେ ଆବଶ୍ୟକ ଭିତ୍ତିଭୂମି ଅଭାବରୁ ଶିକ୍ଷା ବ୍ୟବସ୍ଥା ବାଧାପ୍ରାପ୍ତ ହେଉଛି। ଏ ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି।

ସୂଚନା ଅନୁସାରେ, ଏହି ହୋମିଓପ୍ୟାଥି କଲେଜରେ ୧୮୦ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଛାତ୍ରୀଛାତ୍ରଙ୍କ ସଂଖ୍ୟା ଏବଂ ୧୨ଟି ବିଷୟ ଅନୁସାରେ ଏଠାରେ ୧୪ଜଣ ପ୍ରଫେସର ରହିବା କଥା। ଏନ୍.ସି.ଏଚ୍ ରେଗୁଲେଶନ ମୁତାବକ ହୋମିଓପ୍ୟାଥି କଲେଜରେ ପ୍ରତି ୧୦୦ ଛାତ୍ରୀଛାତ୍ରଙ୍କ ଅନୁପାତରେ ୩୬ଜଣ ଅଧ୍ୟାପକ ରହିବା ନିୟମ ରହିଛି। ମାତ୍ର ଏଠାରେ ଏନ୍.ସି.ଏଚ ନିୟମର ଅନୁପାଳନ ହେଉନାହିଁ। ୧୨ଟି ବିଷୟ ପାଇଁ ମାତ୍ର ୯ଜଣ ପ୍ରଫେସର ରହିଛନ୍ତି। ଏଥିରୁ ପୁଣି ୨ଜଣ କଣ୍ଟ୍ରାକ୍ଚୁଆଲ ଓ ଜଣେ ଆସୋସିଏଟ ଭାବେ ଦାୟିତ୍ୱ ତୁଲାଉଛନ୍ତି। ଫଳରେ ଏଠାରେ ଅଧ୍ୟୟନରତ ପିଲାଙ୍କ ମେଡିକାଲ ଶିକ୍ଷା ଗ୍ରହଣରେ ସମସ୍ୟା ହେଉଛି।

ଅନ୍ୟପଟେ ମେଡିକାଲ କଲେଜକୁ ପ୍ରତ୍ୟେହ ୧୦୦ରୁ ଊର୍ଦ୍ଧ୍ୱ ରୋଗୀ ବିଭିନ୍ନ ଚିକିତ୍ସା ପାଇଁ ଆସୁଥିବା ବେଳେ ମେଡିକାଲରେ ହାୟର ପ୍ରୋଟିନ ଯୁକ୍ତ ମେଡିସିନ ଉପଲବ୍ଧ ରହୁନାହିଁ। ଏଥିସହ ମଦର ଟିଂଚର ଓ ଆମ୍ବୁଲାନ୍ସ ସେବା ମଧ୍ୟ ମେଡିକାଲରେ ଉପଲବ୍ଧ ହୋଇପାରିନି। ଫଳରେ ଶହ ଶହ ରୋଗୀ ୨୫ଶଯ୍ୟା ବିଶିଷ୍ଟ ସରକାରୀ ହୋମିଓପ୍ୟାଥି ମେଡିକାଲରୁ ଚିକିତ୍ସା ସୁବିଧାରୁ ବଞ୍ଚିତ ହେଉଛନ୍ତି। ସେହିପରି କଲେଜରେ ଅଡିଟୋରିୟମ ହଲ, ଖେଳ ପଡିଆ ଓ ଛାତ୍ରାବାସ ସୁବିଧା ଉପଲବ୍ଧ ହୋଇପାରିନାହିଁ। ଏଥିସହ ଲେବ୍ରୋଟୋରୀ ସୁବିଧା ମଧ୍ୟ ନାହିଁ। ଉକ୍ତ କଲେଜ ୭ଏକର ୩୦ ଡେସିମିଲ ଆୟତନ ବିଶିଷ୍ଟ ରହିଥିଲେ ମଧ୍ୟ ଦୀର୍ଘ ବର୍ଷ ହେଲା କଲେଜ ଖେଳ ପଡିଆର ଉନ୍ନତୀକରଣ ହୋଇପାରୁନାହିଁ। କଲେଜ ତରଫରୁ ବିଶେଷ ଭାବେ ମାନସିକ ରୋଗ ଓ ସ୍ତ୍ରୀ ରୋଗ(ବାଳିକା ବର୍ଗ) କ୍ଷେତ୍ରରେ ସଚେତନତା ଲାଗି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଥିବା ବେଳେ ଏଥିଲାଗି ଜାଗା ମିଳୁନାହିଁ। କଲେଜ ଛାତ୍ରୀଛାତ୍ରମାନେ ବିଗତ ୨ବର୍ଷ ମଧ୍ୟରେ ଅଲ ଓଡିଶା ଆୟୁଷ ଇଣ୍ଟର କଲେଜ ସ୍ପୋର୍ଟସ ମିଟ୍‌ରେ ଲଗାତର ଚାମ୍ପିୟନ ହୋଇଆସୁଛନ୍ତି। ଚଳିତ ବର୍ଷ ଏହି କଲେଜ ପକ୍ଷରୁ ପ୍ରତିଯୋଗିତା ଆୟୋଜନ ହେବ। ମାତ୍ର କଲେଜ ପାଖରେ ଖେଳିବା ପାଇଁ ଖେଳ ପଡିଆ ନାହିଁ। କଲେଜର ଏସବୁ ସମସ୍ୟା ବିଷୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ରାଉରକେଲା ଗସ୍ତ ସମୟରେ ପିଲାମାନେ ଲିଖିତ ଆକାରରେ ଅବଗତ କରାଇଥିଲେ। ମୁଖ୍ୟମନ୍ତ୍ରୀ ପିଲାମାନଙ୍କ ସମସ୍ୟା ସମ୍ପର୍କିତ ସମସ୍ତ ବିଷୟ ଉପରେ ବିହିତ ପଦକ୍ଷେପ ନେବାକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏଯାବତ୍ କଲେଜର କୌଣସି ସମସ୍ୟା ସମାଧାନ ହୋଇପାରିନାହିଁ। ଏଣୁ ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି। ଏ ସମ୍ପର୍କରେ କଲେଜ ଛାତ୍ର ସଙ୍ଗଠନ ସଭାପତି ସନ୍ତୋଷ କୁମାର ସାହୁ କୁହନ୍ତି, କଲେଜ ସମସ୍ୟା ସାମାଧାନ ପାଇଁ ଆମେ ବାରମ୍ବାର ଦାବି କରୁଛୁ। ମାତ୍ର ସମାଧାନ ହେଉନାହିଁ। ରାଜ୍ୟର ପୂର୍ବ ସରକାର ତ କିଛି କଲେନାହିଁ। ବର୍ତ୍ତମାନ ରାଜ୍ୟ ସରକାର କଲେଜ ସମସ୍ୟା ସମାଧାନ କରିବେ ବୋଲି ଆଶା ରହିଥବବା ସେ କହିଥିଲେ। ଏ ନେଇ କଲେଜ ଅଧକ୍ଷା ନିବେଦିତା ନାଥଙ୍କୁ ପଚାରିବାରୁ ସେ କହିଲେ, କଲେଜ ପିଲାମାନେ କ୍ରୀଡ଼ା ଓ ଏକାଡେମୀ କ୍ଷେତ୍ରରେ ସର୍ବଦା ଉଚ୍ଚକୋଟୀର ପ୍ରଦର୍ଶନ କରିଆସୁଛନ୍ତି। ମାତ୍ର କଲେଜରେ ଖେଳ ପଡିଆ ଉନ୍ନତୀକରଣ ହୋଇପାରୁନି। ଏଥିସହ କଲେଜର ବହୁ ସମସ୍ୟା ରହିଛି ଯାହା ସମାଧାନ ହେଲେ ଶିକ୍ଷାର୍ଥୀ ଓ ରୋଗୀଙ୍କ ଚିକିତ୍ସା ସେବା ଆହୁରି ସୁଦୃଢ ହୁଅନ୍ତା ବୋଲି ସେ କହିଥିଲେ।

# ଜାତୀୟ ସେବା ଯୋଜନା ଉଦ୍‌ଯାପିତ


ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ରାଉରକେଲା,୧।୧୦ (ବିପ୍ଳବ ରଞ୍ଜନ ଦାଶ/ଦିନେଶ ମିଶ୍ର)

ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟରେ ଚାଲିଥିବା ତ୍ରିଦିବସୀୟ ରାଜ୍ୟସ୍ତରୀୟ ଜାତୀୟ ସେବା ଯୋଜନା (ଏନ୍‌ଏନ୍‌ଏସ୍)ର ପ୍ରିଆରଡି ଚୟନ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ଉତ୍ସବରେ ନବମ ବାଟାଲିୟନର କର୍ଣ୍ଣେଲ ଏସ୍. କୁଲକର୍ଣ୍ଣି ମୁଖ୍ୟ ଅତିଥି, ଏନ୍‌ଏସ୍‌ଏମ୍ ଭୁବନେଶ୍ୱର ଆଞ୍ଚଳିକ ନିର୍ଦ୍ଦେଶକ ସରିତା ପଟେଲ, ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଅଧ୍ୟାପକ ଡି. ଆର. ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ତିମ ଦିବସରେ ଏନ୍‌ଏସ୍‌ଏସ୍ ପିଲାମାନେ ଯୋଗ ଶିବିର, ପ୍ଲାଣ୍ଟସାଇଟ୍ ଭିଜିଟ୍‌ରେ ବେଦବ୍ୟାସ ଧାମ, ହନୁମାନ ବାଟିକା, ତ୍ରିଶକ୍ତି ଧାମ ପରିଦର୍ଶନ କରିଥିଲେ। ପରେ ସେମାନେ ବିର୍ସା ମୁଣ୍ଡା ଆନ୍ତର୍ଜାତୀୟ ହକି ଷ୍ଟାଡିୟମରେ ହକି ଖେଳ ଦେଖିଥିଲେ। ଏହି ଶିବିରରେ ଉଚ୍ଚତା ଓଜନ, ସାଂସ୍କୃତିକ କାର୍ଯ୍ୟକ୍ରମ, ଇଣ୍ଟରଭ୍ୟୁ ଓ ପରେଡ କରାଯାଇ ପିଲାମାନଙ୍କୁ ଚୟନ କରାଯାଇଥିଲା। କଲେଜର ଏନ୍‌ଏସ୍‌ଏସ୍ ଦାୟିତ୍ୱରେ ଥିବା ଅଧ୍ୟାପିକା ଡକ୍ଟର ଦିବ୍ୟକାନ୍ତି ବିଲୁଙ୍ଗ, ଅଧ୍ୟାପକ ଆକାଶ ଚନ୍ଦ୍ର ଦାଶ, ପ୍ରୋଗାମ ଅଫିସରଙ୍କ ସମେତ ୨୦ ଜଣ ଲୋକାଲ ଭଲୁଣ୍ଟିୟର ଓ କର୍ମଚାରୀ ସହଯୋଗ କରିଥିଲେ। କଲେଜ ଅଧ୍ୟକ୍ଷ ଡକ୍ଟର ସନାତନ ପ୍ରଧାନ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ବାଣିଜ୍ୟ ବିଭାଗ ଅଧ୍ୟାପକ ବି. କେ. ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଅବକାରୀ ଅଧୀକ୍ଷକଙ୍କୁ ବିଜେଡି ଦେଲା ଦାବିପତ୍ର


ଅବକାରୀ ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ରାଉରକେଲା,୧।୧୦(ଦିନେଶ ମିଶ୍ର)

ରାଉରକେଲା ସହରରେ ବେଆଇନ ନିଶା କାରବାର ରୋକିବାକୁ ଉଦିତନଗର ସ୍ଥିତ ଅବକାରୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ସ୍ଥାନୀୟ ବିଜେଡି ପକ୍ଷରୁ ସୋମବାର ଅଧୀକ୍ଷକ ଶେଖ୍ ଆସିଫ୍ ଅଲ୍ଲୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ରାଉରକେଲା ବିଜେଡିର ଏକ ପ୍ରତିନିଧି ଦଳ ଅବକାରୀ ଅଧୀକ୍ଷକ ଅଲ୍ଲୀଙ୍କୁ ସାକ୍ଷାତ କରି ରାଉରକେଲାରେ ଯେଉଁମାନେ ଅବକାରୀ ନିୟମକୁ ବେଖାତିର କରୁଛନ୍ତି ସେମାନଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦଳ ପକ୍ଷରୁ ଦାବି କରାଯାଇଥିଲା। ଆଗକୁ ଦୁର୍ଗାପୂଜା ଥିବାରୁ ସହରରେ ମଦ୍ୟପମାନେ ଆଡ୍ଡା ଜମାଇବା ସହ ଅପରାଧମୂଳକ କାର୍ଯ୍ୟ ଘଟାଇବାକୁ ପଛାଇବେନାହିଁ। ଫଳରେ ସହରର ବିଭିନ୍ନ ସ୍ଥାନରେ ବିକ୍ରି କରାଯାଉଥିବା ମାଦକଦ୍ରବ୍ୟ ଉପରେ ଚଢ଼ାଉ କରିବାକୁ ଏହି ପ୍ରତିନିଧି ଦଳ ଅଲ୍ଲୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅବକାରୀ ଅଧୀକ୍ଷକ ଅଲ୍ଲୀ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଜେଡି ପ୍ରତିନିଧି ମଣ୍ଡଳୀଙ୍କୁ ଆଶ୍ୱାସନା ଦେଇଛନ୍ତି। ଏହି ପ୍ରତିନିଧି ଦଳରେ କବିଜେଡି ଜିଲା ସଭାପତି ହାଲୁ ମୁଣ୍ଡାରୀ, ନଗର ସଭାପତି ଗଗନ ପଣ୍ଡା, ଜିଲା ମୁଖପାତ୍ର ଜୟନ୍ତ କୁମାର ମିଶ୍ର, ବରିଷ୍ଠ ନେତା ବିରେନ ସେନାପତି, ପ୍ରଶାନ୍ତ ସେଠୀ, କୈଳାସ ସାହୁ, ସନ୍ଧ୍ୟା ଲାକ୍ରା, ଛବି ମହାନ୍ତି, ଜିଲା ଯୁବ ସଭାପତି ବିଭୂତି ପୁହାଣ, ସଭାନେତ୍ରୀ ଜ୍ୟୋତ୍ସ୍ନା ନାୟକ, ମିନତୀ ଜେନା, ଲିନା ନାୟକ, ଶ୍ୟାମସୁନ୍ଦର ପଣ୍ଡା, ଯୁବନେତା ରଞ୍ଜନ ନାୟକ, ହିମାଂଶୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଇଟାରେ ଛେଚି ଯୁବକଙ୍କୁ ହତ୍ୟା, ଅଭିଯୁକ୍ତ ଅଟକ

ହେମଗିର,୧।୧୦( ଚୈତନ୍ୟ ପଟେଲ)

ସୁନ୍ଦରଗଡ ଜିଲା ହେମଗିର ଥାନା ଅନ୍ତର୍ଗତ ଟାଙ୍ଗରଡିହିରେ ମଙ୍ଗଳବାର ଜଣଙ୍କୁ ଇଟାରେ ଛେଚି ହତ୍ୟା କରାଯାଛି। ମୃତକ ହେଲେ ଟାଙ୍ଗରଡିହି ଗ୍ରାମର କରୁଣା ସିଂ(୨୭)। ଘଟଣାସ୍ଥଳରେ ହେମଗିର ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୪୩୩/୨୪) ରୁଜୁ ହୋଇଛି। ପୋଲିସ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରୁଛି। ପୋଲିସ ସୂଚନା ଅନୁସାରେ, ଗତ ୩୦ ତାରିଖ ସୋମବାର ସନ୍ଧ୍ୟାରେ କରୁଣା ସିଂ ଓ ଅଭିଯୁକ୍ତଙ୍କ ମଧ୍ୟରେ କୌଣସି କଥାକୁ ନେଇ ଝଗଡ଼ା ହୋଇଥିଲା। ଏଥିରେ ଅଭିଯୁକ୍ତ ଉତ୍ତ୍ୟକ୍ତ ହୋଇ ଏକ ଇଟାରେ କରୁଣାଙ୍କ ମୁଣ୍ଡକୁ ଛେଚି ହତ୍ୟା କରିଥିଲେ।

# ଇରମ ମାଟିର ବଳିଦାନ ଭାରତ ଇତିହାସରେ ଅଦ୍ୱିତୀୟ

ରାଉରକେଲା,୧।୧୦(ଦିନେଶ ମିଶ୍ର)

**ଇରମ ଶହୀଦ ସ୍ମୃତି ଦିବସ ପାଳିତ**

ଛେଣ୍ଡ ସ୍ଥିତ ଗୋପବନ୍ଧୁ ପାଠାଗାର ସତ୍ୟବାଦୀ କକ୍ଷରେ ବାସୁଦେବପୁର ଜନକଲ୍ୟାଣ ପରିଷଦ ଆନୁକୂଲ୍ୟରେ ଇରମ ଶହୀଦ ସ୍ମୃତି ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ଭୁବେଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍ୱାଧୀନତା ଆନ୍ଦୋଳନରେ ଇରମ ମାଟିର ବଳିଦାନ ଭାରତ ଇତିହାସରେ ଅଦ୍ୱିତୀୟ ବୋଲି ମତବ୍ୟକ୍ତ କରିଥିଲେ। ଡକ୍ଟର ଅଜୟ କୁମାର ପଣ୍ଡା ସମ୍ମାନିତ ଅତିଥି ଓ ପ୍ରଫେସର ଡକ୍ଟର ପ୍ରଭାତ କୁମାର ମଲ୍ଲିକ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଶହୀଦମାନଙ୍କ ସ୍ମୃତିଚାରଣ କରିଥିଲେ। ସାଧାରଣ ସମ୍ପାଦକ ଲକ୍ଷ୍ମଣ ନାଥ ଦାସ ସ୍ୱାଗତ ଭାଷଣ, ଯୁଗ୍ମ ସମ୍ପାଦକ ଶରତ କୁମାର ଦାସ ମଞ୍ଚ ପରିଚାଳନା ଏବଂ ବରିଷ୍ଠ ସଦସ୍ୟ ରାଜ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପୁସ୍ତକ 'ରକ୍ତ ରଞ୍ଜିତ ଇରମ ଭୂଇଁ' ର ଦ୍ୱିତୀୟ ସଂସ୍କରଣକୁ ଅତିଥିମାନେ ଲୋକାର୍ପଣ କରିଥିଲେ। ଏହି ଅବସରରେ ବିଧାୟକ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସନାତନ ପତି, କୃପାସିନ୍ଧୁ ବେହେରା, ଉପେନ୍ଦ୍ର ପ୍ରସାଦ ଦାସ, ଅଞ୍ଜୁ ବାରିକ, ଅଚ୍ୟୁଦାନନ୍ଦ ଦାସ ପ୍ରମୁଖ ସହଯୋଗ କରିଥିଲେ। ଅଲେଖ ଚନ୍ଦ୍ର ପଲେଇ, ଡାକ୍ତର ରବୀନ୍ଦ୍ର କୁମାର ପଣ୍ଡା, ବିଶ୍ୱନାଥ ସାହୁ, ସବିତା ସାହୁ, ଡାକ୍ତର ଗୋକୁଳାନନ୍ଦ ସାହୁ, ପ୍ରଦ୍ୟୁମ୍ନ ମିଶ୍ର, ଶର୍ମିଷ୍ଠା କବି ଶତପଥୀ, ଶଶାଙ୍କ ଶେଖର ପଣ୍ଡା, ଆଦିକନ୍ଦ ନାୟକ, ରାଜୀବ ପାଣି, ପ୍ରଦୀପ ଦାସ ପ୍ରମୁଖ ଉପସ୍ଥିତ ଥିଲେ। କୋଷାଧକ୍ଷ ଉଦୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

# ଅପାର ଆଇଡି ପ୍ରସ୍ତୁତି କର୍ମଶାଳା

ରାଉରକେଲା,୧।୧୦(ବିପ୍ଳବ ରଞ୍ଜନ ଦାଶ)


କର୍ମଶାଳାରେ ଉପସ୍ଥିତ ଛାତ୍ରୀଛାତ୍ର ଏବଂ ଅଭିଭାବକ ।

ଡିଜିଟାଲ ଶିକ୍ଷା କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ପାରିଦର୍ଶିତା ଆକଳନ, ଶିକ୍ଷାସ୍ତର ତଥ୍ୟ ସହ ବିଭିନ୍ନ ତଥ୍ୟ ଆକଳନ ଲାଗି ଅପାର ଆଇଡି ପ୍ରସ୍ତୁତି ଏବଂ ପଞ୍ଜୀକରଣ ପ୍ରକ୍ରିୟା ସମ୍ବନ୍ଧୀୟ ଏକ କର୍ମଶାଳା ସୋମବାର ବେଦବ୍ୟାସ ଗୁରୁକୁଳ ସଂସ୍କୃତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଅଧ୍ୟକ୍ଷ ଡକ୍ଟର ଉମାକାନ୍ତ ପଣ୍ଡାଙ୍କ ସଭାପତିତ୍ୱ କରିଥିଲେ। କର୍ମଶାଳାରେ ଉପସ୍ଥିତ ଛାତ୍ରୀଛାତ୍ର ନିଜ ମାତାପିତା କିମ୍ବା ଆଇନଗତ ଅଭିଭାବକମାନଙ୍କ ସମ୍ମତିପତ୍ର ସହିତ ଅନ୍‌ଲାଇନରେ ଅପାର ଆଇଡି କାର୍ଡ ପ୍ରସ୍ତୁତ କରିଥିଲେ। ଏହାଦ୍ୱାରା ଆଗକୁ ଛାତ୍ରୀଛାତ୍ରଙ୍କ ବିଦ୍ୟାଳୟର ଶିକ୍ଷା ଓ ସାକ୍ଷରତା ସମ୍ବନ୍ଧୀୟ ତଥ୍ୟ ସହିତ ନାମ, ଠିକଣା, ବୟସ, ଜନ୍ମତାରିଖ, ଲିଙ୍ଗ, ଛାତ୍ରବୃତ୍ତି, ଶୈକ୍ଷିକ ନଥିପତ୍ର ଓ ଅନ୍ୟାନ୍ୟ ଉପାଦେୟ ତଥ୍ୟ ମିଳିପାରିବ। କାର୍ଯ୍ୟକ୍ରମରେ ଅଧ୍ୟାପକ ଚନ୍ଦ୍ରଧ୍ୱଜ ମାଝୀ, ସୁରେଶ ଚନ୍ଦ୍ର ଭୋଇ, ଡକ୍ଟର ପରମେଶ୍ୱର ଶତପଥୀ, କେଦାରନାଥ ପାଢୀ, ଶ୍ୟାମମାଳା ଦାସ ଏବଂ ଜ୍ୟୋତ୍ସ୍ନାରାଣୀ ଦାସ ପ୍ରମୁଖ ସହଯୋଗ କରିଥିଲେ। ସାହିତ୍ୟ ବିଭାଗର ବରିଷ୍ଠ ଅଧ୍ୟାପକ ଡକ୍ଟର କାଳୀକିଙ୍କର ପଣ୍ଡା କର୍ମଶାଳା ସଂଯୋଜନା କରିଥିଲେ।

## ଶିବିରରେ ୫୪ ୟୁନିଟ୍ ରକ୍ତ ସଂଗ୍ରହ

ଟେନସା,୧।୧୦(ସମୀର କୁମାର ପାଢୀ)

ସୁନ୍ଦରଗଡ ଜିଲା କୋଇଡ଼ା ମାଇନିଂ ସେକ୍ଟର ରାଇକେଲା ଗ୍ରାମରେ ଥିବା ଗୀତାରାଣୀ ଖଣି ପରିସରରେ ମଙ୍ଗଳବାର ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହାସହ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। କୋଇଡା ତହସିଲଦାର ଅନିଲ କୁମାର ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଅନ୍ୟତମ ଅତିଥି ଭାବେ ଡେଙ୍ଗୁଳା ସରପଞ୍ଚ ବାବୁଲି ମୁଣ୍ଡା, ଖଣି ସିଇଓ ସୁମିତି ପଟେଲ, ଖଣି ଏଭିପି ବି.ବି ସାହୁ, ଖଣି ପରିଚାଳକ ପି. କେ. ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଶିବିରରେ ୫୪ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ବଣାଇ ରେଡ୍‌କ୍ରସର ଡାକ୍ତର ଅନିରୁଦ୍ଧ ବେହେରାଙ୍କ ସମେତ ଅଧିକାରୀମାନେ ରକ୍ତ ସଂଗ୍ରହ କରିଥିଲେ। ତ୍ରିନାଥ ମହାପାତ୍ର, ପ୍ରକାଶ ସାହୁ, ମନୋଜ ଶତପଥୀ, ଶୁଶୀଲ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ସାହୁ, ସଚ୍ଚିଦାନନ୍ଦ ଗିରି, ଅମୂଲ୍ୟ ଦାସଙ୍କ ସମେତ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କୋଏଲ ନଦୀରୁ ମହିଳାଙ୍କ ମୃତଦେହ ଉଦ୍ଧାର

କୁଆଁରମୁଣ୍ଡା,୧।୧୦(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ କୋଏଲ ନଦୀର କୁଆଁରମୁଣ୍ଡା ଡାଏରୀ ଫାର୍ମ ପାର୍ଶ୍ୱ ୩ ନମ୍ବର ପମ୍ପ ହାଉସ ନିକଟରେ ମଙ୍ଗଳବାର ଜଣେ ମହିଳାଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତ ମହିଳାଙ୍କ ପରିଚୟ ମିଳି ନ ଥିବା ବେଳେ ତାଙ୍କ ବୟସ ପାଖାପାଖି ୫୦ ବର୍ଷ ହେବ ବୋଲି ଫାଣ୍ଡି ଅଧିକାରୀ ଅଭୟ ମହାପାତ୍ର ସୂଚନା ଦେଇଛନ୍ତି। ପୋଲିସ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ନଦୀରୁ ମୃତଦେହ ଉଦ୍ଧାର କରି ତହସିଲଦାର ତଥା ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ଚନ୍ଦ୍ରଜିତ ବେହେରାଙ୍କ ଉପସ୍ଥିତିରେ ରାଉରକେଲା ସରକାରୀ ଡାକ୍ତରଖାନା ଶବାଗାରକୁ ପଠାଇଛି। ବୁଧବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂଚନା ଦେଇଛି।

# କ୍ରୀଡ଼ା ଭିତ୍ତିଭୂମି ବିକାଶ ପାଇଁ ଭୂମି ପୂଜନ

ରାଉରକେଲା,୧।୧୦(ଦିନେଶ ମିଶ୍ର)


ମହାବିଦ୍ୟାଳୟ ଖେଳ ପଡ଼ିଆରେ ଭୂମିପୂଜନ କରାଯାଉଛି।

ପାନପୋଷ ସ୍ଥିତ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ କ୍ରୀଡା ଭୂତ୍ତିଭୂମି ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରାୟ ୪୩ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଏହି ଅର୍ଥରେ ମହାବିଦ୍ୟାଳୟରେ ବିଶେଷ କରି ବାସ୍କେଟବଲ, ଭଲିବଲ୍ ଓ କ୍ରିକେଟ୍ ଆଦି ଖେଳ ପାଇଁ ଭିତ୍ତିଭୂମିର ବିକାଶ କରାଯିବ ବୋଲି କଲେଜ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏଥିପାଇଁ ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡକ୍ଟର ବିଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ପୂର୍ତ୍ତ ବିଭାଗ ସହକାରୀ ମୁଖ୍ୟ ଯନ୍ତ୍ରୀ ମନୋଜ ମହାନନ୍ଦ, ବିଭାଗୀୟ ଏଓ୍ୱିଓ ପ୍ରମୋଦ କୁମାର ମହାପାତ୍ର ଏବଂ ବହୁ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ର ଏବଂ ପୁରାତନ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

# ବୋନସ ଦାବିରେ ବିକ୍ଷୋଭ ପ୍ରଦର୍ଶନ

ରାଉରକେଲା,୧।୧୦(ବିପ୍ଳବ ରଞ୍ଜନ ଦାଶ)



ବିଶ୍ରା ଗେଟ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଆରଏସ୍‌ପିରେ କାର୍ଯ୍ୟରତ ଠିକା ଶ୍ରମିକଙ୍କୁ ବୋନସ ପ୍ରଦାନ ଦାବି ନେଇ ରାଉରକେଲା ହିନ୍ଦ ମଜଦୁର ସଭା ଓ ଜିଲା ଶିଳ୍ପାଞ୍ଚଳ ଶ୍ରମିକ ସଭା ପକ୍ଷରୁ ମଙ୍ଗଳବାର ବିଶ୍ରା ଗେଟ୍ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିରେ ହିନ୍ଦ ମଜଦୁର ସଭାର ରାଜ୍ୟ ସମ୍ପାଦକ ତଥା ଜିଲା ଶିଳ୍ପାଞ୍ଚଳ ଶ୍ରମିକ ସଭାର ସାଧାରଣ ସମ୍ପାଦକ ଦିଗମ୍ବର ମହାନ୍ତି, କାର୍ଯ୍ୟକାରୀ ସଭାପତି ହରିକୃଷ୍ଣ ପାଢୀ, ଉପସଭାପତି ମହେଶ୍ୱର ମହାପାତ୍ର, ଠିକା ଶ୍ରମିକ ସଭାର ବିମଳ ବେହୁରୀଆ, ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ ଜିଲା ଉପଦେଷ୍ଟା ଦେବେନ୍ଦ୍ର ନାଥ ଆଚାର୍ଯ୍ୟ, ଜିଲା ଶିଳ୍ପାଞ୍ଚଳ ଶ୍ରମିକ ସଭା ସମ୍ପାଦକ ଜଗବନ୍ଧୁ ଜେନା, ଦିଲୀପ ଜେନା, ଅଜୟ କୁମାର ନାୟକ, ଉମେଶ ଚନ୍ଦ୍ର ମଲ୍ଲିକ ଓ ଉମେଶ ଚନ୍ଦ୍ର ନାୟକଙ୍କ ସମେତ ବହୁ ମହିଳା ପୁରୁଷ ଠିକା ଶ୍ରମିକ ସାମିଲ ହୋଇଥିଲେ। ପ୍ରତ୍ୟେକ ଠିକା ଶ୍ରମିକଙ୍କୁ ସର୍ବନିମ୍ନ ୨୦ହଜାର ଟଙ୍କା ବୋନସ ଦେବାକୁ ସେମାନେ ଦାବି କରିଥିଲେ। ନ୍ୟାଯ୍ୟ ଦାବି ପୂରଣ ନ ହେଲେ ଆଗକୁ ଜିଲାବ୍ୟାପୀ ଠିକା ଶ୍ରମିକ ଆନ୍ଦୋଳନ ହେବ ବୋଲି ଶ୍ରମିକ ନେତାମାନେ କହିଥିଲେ। ଆଜିର ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଦିବ୍ୟ ରଞ୍ଜନ ପାଣିଗ୍ରାହୀ, ଅଶୋକ ତରେଇ, ରାଜେନ୍ଦ୍ର ପାତ୍ର, କୁନି ଘାସି, ବିଳାସ ନାୟକ, ଉଷାକାନ୍ତି ସୁରେନ ଓ ଚାନ୍ଦୁ ବାର୍ଲା ପ୍ରମୁଖ ନେତୃତ୍ୱ ନେଇଥିଲେ। ଶେଷରେ ମହେଶ୍ୱର ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଶ୍ରେଣୀଗୃହ ନାହିଁ, ପାଠପଢ଼ାରେ ଅସୁବିଧା

ସମ୍ବଲପୁର,୧।୧୦(ଭବାନୀ ଶଙ୍କର ଭୋଇ)



ଗଙ୍ଗାଧର ମେହେର ଉଚ୍ଚ ବିଦ୍ୟାଳୟ।

**ଗଙ୍ଗାଧର ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅବ୍ୟବସ୍ଥା**

- ଗଙ୍ଗାଧର ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନିଜସ୍ୱ ଜମି, କୋଠା ନାହିଁ
- ଜିଏମ ବିଶ୍ୱବିଦ୍ୟାଳୟ ଉପରେ ନିର୍ଭରଶୀଳ

ସମ୍ବଲପୁରର ପ୍ରତିଷ୍ଠିତ ଗଙ୍ଗାଧର ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନିଜସ୍ୱ ଜମି କି କୋଠା ନାହିଁ। ଗଙ୍ଗାଧରମେହେର ବିଶ୍ୱ ବିଦ୍ୟାଳୟର ଏକ କୋଠାରେ ଏହି ଉଚ୍ଚ ବିଦ୍ୟାଳୟ ଚାଲୁଛି। ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁସାରେ ୧୯୯୮ ମସିହାରେ ଗଙ୍ଗାଧର ମେହେର କଲେଜରୁ ଗଙ୍ଗାଧର ମେହେର କନିଷ୍ଠ ମହାବିଦ୍ୟାଳୟ ଅଲଗା ହୋଇ ସ୍ୱତନ୍ତ୍ର ଭାବେ କାର୍ଯ୍ୟ ଆରମ୍ଭ କରିଥିଲା। ବର୍ତ୍ତମାନ ସେହି ଗଙ୍ଗାଧର ମେହେର କନିଷ୍ଠ ମହାବିଦ୍ୟାଳୟ ଗଙ୍ଗାଧର ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭାବେ ପରିଚିତ। ତେବେ ଆଜି ପର୍ଯ୍ୟନ୍ତ ଏହି ଶିକ୍ଷା ଅନୁଷ୍ଠାନର ନିଜସ୍ୱ ଜମି, କୋଠା ଆଦି ହୋଇ ନ ପାରି ଜିଏମ ବିଶ୍ୱବିଦ୍ୟାଳୟ ଉପରେ ନିର୍ଭରଶୀଳ ରହିଛି। ଏହା ଫଳରେ ଯୁକ୍ତ ୨ ପାଠ ପଢାରେ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହେଉଛି। ୧୯୯୮ ମସିହାରେ ଜିଏମ କନିଷ୍ଠ କଲେଜ ପ୍ରତିଷ୍ଠା ସମୟରେ ଏଠାରେ ବିଜ୍ଞାନରେ ୨୮୮, କଳାରେ ୫୧୨ ଏବଂ ବାଣିଜ୍ୟରେ ୩୨୦ ସିଟ୍ ରହିଥିଲା। ଯାହା ବର୍ତ୍ତମାନ ମଧ୍ୟ ବଳବତ୍ତର ରହିଛି। ମହାବିଦ୍ୟାଳୟର ୧୧୨୦ ଜଣ ଛାତ୍ରୀଛାତ୍ରଙ୍କ ପାଠପଢା ପାଇଁ ଅନୁଷ୍ଠାନକୁ ୩୬ଟି ଶ୍ରେଣୀ ଗୃହର ଆବଶ୍ୟକତା ରହିଛି। କିନ୍ତୁ ଉଚ୍ଚ ବିଦ୍ୟାଳୟକୁ ମାତ୍ର ୧୧ଟି ରୁମ ଆବଣ୍ଟନ କରାଯାଇଛି। ଶ୍ରେଣୀ ଗୃହ ଅଭାବରୁ ଗୋଟିଏ ରୁମରେ ଅନେକ ପିଲା ଏକାଠି ପଢିବା ପାଇଁ ବାଧ୍ୟ ହେଉଛନ୍ତି। ବିଜ୍ଞାନ ପ୍ରାକ୍ଟିକାଲ ପାଇଁ ବିଦ୍ୟାର୍ଥୀଙ୍କ ପାଖରେ ଅତ୍ୟାଧୁନିକ ପ୍ରଯୁକ୍ତି ଏବଂ ଉପକରଣ ବ୍ୟବସ୍ଥା ନାହିଁ। ଆବଶ୍ୟକତା ଅନୁସାରେ ପାଠାଗାର ନାହିଁ। ଏନେଇ ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ପଚାରିବାରୁ, ଗଙ୍ଗାଧର ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାଇଁ ଜମି ଚିହ୍ନଟ କରିବାକୁ ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟର ରେଜିଷ୍ଟ୍ରାର ସନତ କୁମାର ନାୟକଙ୍କୁ ଦାୟିତ୍ୱ ଦିଆଯାଇଥିବା ସେ କହିଥିଲେ। ଏହି ଅନୁଷ୍ଠାନରେ ସମ୍ବଲପୁର ସମେତ ରାଜ୍ୟର ଅନେକ ଜିଲାର ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ସେମାନଙ୍କର ଭବିଷ୍ୟତକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଗଙ୍ଗାଧର ମେହେର ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପାଇଁ ସ୍ୱତନ୍ତ୍ର ଜମି ଏବଂ ପଚ୍ଚା ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

## ସଂକ୍ଷେପରେ

### ଶିବିରରେ ୩୬ ୟୁନିଟ୍ ରକ୍ତ ସଂଗ୍ରହ




ରେଢାଖୋଲ,୧।୧୦(ଅଚ୍ୟୁତାନନ୍ଦ ପୁରୋହିତ)

ଜାତୀୟ ରକ୍ତଦାନ ଦିବସ ଅବସରରେ ସ୍ଥାନୀୟ ଭୀମ ଭୋଇ କଲେଜରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜର ଯୁବ ରେଡ୍‌କ୍ରସ୍, ରେଡ୍ ରିବନ୍ କ୍ଲବ, ଜାତୀୟ ସେବା ଯୋଜନା,ଏନ୍‌ସିସି ଓ ସତ୍ୟସାଇ ସେବା ସମିତିର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରରେ ୩୬ ୟୁନିଟ୍ ରକ୍ତସଂଗ୍ରହ ହୋଇଥିଲା। କଲେଜ ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ନାରାୟଣ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କଲେଜ ଅଧ୍ୟକ୍ଷ ଦିଲୀପ କୁମାର ଦାଶ, ପ୍ରାଧ୍ୟାପକ ଅରୁଣ କୁମାର ଶାସନୀ,ଅକ୍ଷୟ କୁମାର କର ପ୍ରମୁଖ ସ୍ୱେଚ୍ଛାସେବୀ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଯୁବ ରେଡ୍‌କ୍ରସ୍‌ର ଉପଦେଷ୍ଟା ଅଧ୍ୟାପକ ଅଞ୍ଜନ କୁମାର ମିଶ୍ର ଶିବିର ପରିଚାଳନା କରିଥିବା ବେଳେ ଜାତୀୟ ସେବା ଯୋଜନା ଅଧିକାରୀ ଡ.ବିରଞ୍ଚି ଖଡ଼ିଆ, ଏନ୍‌ସିସି ଅଧିକାରୀ ଅଧ୍ୟାପକ ସୁଶାନ୍ତ କେର୍‌କେଟା ପ୍ରମୁଖ ଉପସ୍ଥିତ ଥିଲେ। ସତ୍ୟସାଇ ସେବା ସମିତିର ସଦସ୍ୟ ଭାଗୀରଥି ବାରିକ, ହୃଦାନନ୍ଦ ପ୍ରଧାନ ଓ ସୁଷମାରାଣୀ ପ୍ରଧାନଙ୍କ ସମେତ କଲେଜର ଛାତ୍ରୀଛାତ୍ର କର୍ମଚାରୀ ଯୋଗଦେଇ ସହଯୋଗ କରିଥିଲେ। ଉପଖଣ୍ଡ ଚିକିତ୍ସାଳୟର ଡା.ଅଭିଷେକଦାଶ, ବ୍ଲଡ୍‌ବ୍ୟାଙ୍କ କର୍ମଚାରୀ ଇନ୍ଦ୍ରମଣି ଦେହୁରୀ,ମନୋରମା ଧଳ, ଯାମିନୀ ସାହୁ,ତପସ୍ୱିନୀ ପ୍ରଧାନ ଓ ସିକୁନ ପ୍ରଧାନ ସହଯୋଗ କରିଥିଲେ।

### ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ

ନାକଟିଦେଉଳ,୧।୧୦(ବୈକୁଣ୍ଠନାଥ ସାହୁ)

ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ପରିସରରେ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନାକଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡା. ଅମୂଲ୍ୟରତ୍ନ ମହନ୍ତ ମୁଖ୍ୟ ଅତିଥିଭାବେ ଯୋଗଦେଇ ବରିଷ୍ଠ ନାଗରିକଙ୍କ ପାଇଁ ସମସ୍ତ ପ୍ରକାର ସ୍ୱାସ୍ଥ୍ୟସେବା କିପରି ଯୋଗାଇ ଦିଆଯାଇପାରିବ ଓ ସମସ୍ତ ପ୍ରକାର ସାମାଜିକ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥିଭାବେ ନାକଟିଦେଉଳ ଥାନା ଏସ୍ଆଇ ପବିତ୍ର କୁମାର ଭୋଇ ଯୋଗଦେଇ ପୋଲିସ ବିଭାଗ ପକ୍ଷରୁ ପ୍ରତି ଥାନାରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ସେଲ୍ ଗଠନ ସମ୍ପର୍କରେ ଅବଗତ କରିଥିଲେ। ସମାଜରେ ଅବହେଳିତ ଅବସ୍ଥାରେ ଥିବା ବରିଷ୍ଠ ନାଗରିକଙ୍କ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଉପସ୍ଥିତ ବରିଷ୍ଠ ନାଗରିକଙ୍କ ମଧ୍ୟରେ ଦେବରାଜ ବିଶି, ରତ୍ନମଣି ପ୍ରଧାନ, ଅଚ୍ୟୁତାନନ୍ଦ ବିଶାଳ, ହରେକୃଷ୍ଣ ମେହେର ପ୍ରମୁଖ ଯୋଗଦେଇ ନିଜ ନିଜର ମତାମତ ପ୍ରଦାନ କରିଥିଲେ।

# ଡେଙ୍ଗସର୍ଗୀ ଆଶ୍ରମ ବିଦ୍ୟାଳୟରେ କ୍ଲଷ୍ଟର ସ୍ତରୀୟ ସୁରଭି

ସମ୍ବଲପୁର,୧।୧୦(ଭବାନୀ ଶଙ୍କର ଭୋଇ)


ଗଡମଣ୍ଡା କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀଛାତ୍ର।

ଡେଙ୍ଗସର୍ଗୀ ଆଶ୍ରମ ବିଦ୍ୟାଳୟରେ ଗଡମଣ୍ଡା କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ହୀରାକୁଦ ହୀଣ୍ଡାଲକୋ ଏବଂ ସିଆରସିସି ଗଡମୁଣ୍ଡା କ୍ଲଷ୍ଟରର ସମସ୍ତ ବିଦ୍ୟାଳୟ ଦ୍ୱାରା ଏହା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଧନକଉଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ସେବାଶ୍ରୀ ଭୋଇ, ହୀଣ୍ଡାଲକୋ ପାରିପାର୍ଶ୍ୱିକ ଉନ୍ନୟନ ଅଧିକାରୀ ସୁକାନ୍ତ ମହାପାତ୍ର ଓ ଗଡମୁଣ୍ଡା ସିଆରସିସି ସୁପ୍ରଭା ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ଡେଙ୍ଗସର୍ଗୀ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉମେଶ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବକ୍ତୃତା, ରଚନା, ଗୀତ, ନୃତ୍ୟ, ଡ୍ରଇଂ, କୁଇଜ, ଗଣିତ ଦୌଡ, ପିଏମ ପୋଷଣ ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରତିଯୋଗିତାରେ ଗଡମଣ୍ଡା କ୍ଲଷ୍ଟର ସ୍ତରୀୟ ବିଦ୍ୟାଳୟ ଗୁଡିକର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଟ୍ରଫି ଏବଂ ମାନପତ୍ରଦେଇ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ଧନକଉଡା ଅତିରିକ୍ତ ଶିକ୍ଷା ଅଧିକାରୀ ଅମୂଲ୍ୟ ଭୋଇ, ବିଆରସିସି ରମେଶ ମିଶ୍ର, ହୀଣ୍ଡାଲକୋ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ଆନନ୍ଦ ଚକ୍ରବର୍ତ୍ତୀ, ସରୋଜ ଆଚାର୍ଯ୍ୟ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ମନୋଜ ଦୋରା, ସଞ୍ଜୟ ଗୁରୁ, ଅରବିନ୍ଦ ଦାସ, ଲିଙ୍ଗରାଜ ପ୍ରଧାନ, ସୁଦର୍ଶନ ଖମାରୀ, ଦିନବନ୍ଧୁ ମୁଣ୍ଡା, ମମତା ଆଚାର୍ଯ୍ୟ, ସୁନିତି ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଲିଙ୍ଗରାଜ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ବଲପୁର ସଂସ୍କୃତିରେ ଝଟକିବ ଭୁବନେଶ୍ୱରୀଙ୍କ ପୂଜାମଣ୍ଡପ

ସମ୍ବଲପୁର,୧।୧୦(ବି.ଶଙ୍କର)


ସମ୍ବଲପୁର ଗୋବିନ୍ଦତୋଲା ଦୁର୍ଗାପୂଜା ମଣ୍ଡପରେ ମୂର୍ତ୍ତି କାରିଗରମାନେ ନିର୍ମାଣରେ ବ୍ୟସ୍ତ।

ସମ୍ବଲପୁର ସହରର ଦୁର୍ଗାପୂଜାର ଏକ ମୁଖ୍ୟ ଆକର୍ଷଣ ଗୋବିନ୍ଦତୋଲା ଦୁର୍ଗାପୂଜା। ପ୍ରତ୍ୟେକ ବର୍ଷ ପୂଜା କମିଟି ନୂତନତ୍ୱକୁ ଆଧାରକରି ସାଜସଜ୍ଜା, ଆକର୍ଷଣୀୟ ଆଲୋକ, ବିଗ୍ରହ, ଆଭ୍ୟନ୍ତରୀଣ ସାଜସଜ୍ଜାରେ ଭକ୍ତଙ୍କୁ ଆକୃଷ୍ଟ କରିଥାନ୍ତି। ଚଳିତ ବର୍ଷ ମଧ୍ୟ ଦୁର୍ଗାପୂଜାକୁ ଆକର୍ଷଣୀୟ କରିବାକୁ ଜୋର୍‌ଦାର ପ୍ରସ୍ତୁତି ଚାଲିଛି। ଦେବୀ ଭୁବନେଶ୍ୱରୀ ସମ୍ବଲପୁର ସଂସ୍କୃତିରେ ନିର୍ମିତ ପୂଜା ମଣ୍ଡପରେ ବିରାଜମାନେ ହୋଇ ଭକ୍ତଙ୍କୁ ଦର୍ଶନ ଦେବେ। ଏହି ଅଭ୍ୟନ୍ତରୀଣ ସାଜସଜ୍ଜାରେ ସମ୍ପୂର୍ଣ୍ଣଭାବେ ସମ୍ବଲପୁର ସଂସ୍କୃତିର ବିଭବ ଶୋଭାପାଇବ ବୋଲି କମିଟିର ମିଡିଆ ସଂଯୋଜକ ସୂର୍ଯ୍ୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ମୂର୍ତ୍ତି ଶିଳ୍ପୀ ଆଦିତ୍ୟ ନାଏକ ଏବଂ ତାଙ୍କର ସହଯୋଗୀ ମା' ଭୁବନେଶ୍ୱରୀଙ୍କ ପ୍ରତିମା ନିର୍ମାଣରେ ଲାଗି ପଡ଼ିଛନ୍ତି। ଏନେଇ ଆଦିତ୍ୟ କହିଛନ୍ତି, ୧୮ ବର୍ଷ ବୟସରୁ ମୂର୍ତ୍ତି ନିର୍ମାଣ କାର୍ଯ୍ୟ କରି ଆସୁଛନ୍ତି। ଗୋବିନ୍ଦତୋଲା ଦୁର୍ଗାପୂଜାରେ ମା' ଭୁବନେଶ୍ୱରୀଙ୍କ ପ୍ରତିମା ନିର୍ମାଣ କରିବା ସହ ଦୀର୍ଘଦିନ ହେଲା ଚକୁଳି ଫାର୍ମ, ଲରମ୍ଭା, ଚିପିଲିମାର ଚାରପାଲି, କୁମ୍ଭେଲସିଂହା, କଲାପାନି ଆଦି ପୂଜା ମଣ୍ଡପ ପାଇଁ ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣ କରିଆସୁଛି। ଗୋବିନ୍ଦତୋଲା ଦୁର୍ଗାପୂଜା ପାଇଁ ୩ ବର୍ଷ ହେଲା ମୂର୍ତ୍ତି ନିର୍ମାଣ କରୁଛି। ଏଠାରେ ଦୁର୍ଗାପୂଜାର ଭିନ୍ନତା ରହିଛି। ତେଣୁ ଏଠିକାର ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଅନ୍ୟ ସ୍ଥାନ ଅପେକ୍ଷା ଭିନ୍ନ ବୋଲି ସେ କହିଛନ୍ତି।

## ସମାଜ ଗଠନରେ ବରିଷ୍ଠ ନାଗରିକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି

ସମ୍ବଲପୁର,୧।୧୦(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ପ୍ରଶାସନ,ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର ତପସ୍ୱିନୀ ପ୍ରେକ୍ଷାଳୟରେ ଜିଲା ସ୍ତରୀୟ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଥବିର କୁମାର ମହାନନ୍ଦ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ଜିଲା ରେଡକ୍ରସ ସମ୍ପାଦକ ଜୟ ଜର୍ଜ ସମାଜରେ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ଉପରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ବକ୍ତା ପ୍ରଫୁଲ୍ଲ କୁମାର ହୋତା ବରିଷ୍ଠ ନାଗରିକଙ୍କ ନିମନ୍ତେ ଉର୍ଦ୍ଧିଷ୍ଟ ବିଭିନ୍ନ ଅଧିନିୟମ ଉପରେ ଆଲୋକପାତ କରିଥିଲେ। ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ସମାଜ ଗଠନରେ ବରିଷ୍ଠ ନାଗରିକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ଜିଲାପାଳ କହିଥିଲେ। ବରିଷ୍ଠ ନାଗରିକଙ୍କୁ ନିଜର ସୁଚିନ୍ତିତ ମତାମତ ଜିଲା ପ୍ରଶାସନକୁ ଦେବା ପାଇଁ ଜିଲାପାଳ ଆହ୍ୱାନ କରିଥିଲେ। ବୈଜାମୁଣ୍ଡା ବୃଦ୍ଧାଶ୍ରମକୁ ଖୁବଶୀଘ୍ର ପ୍ରଶାସନିକ ହସ୍ତକ୍ଷେପ କରି କାର୍ଯ୍ୟକାରୀ କରାଯିବା ପାଇଁ ବୈଠକରେ ମତପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୫୦୦ ଜଣ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକଙ୍କୁ ବିଭିନ୍ନ ସାମଗ୍ରୀ ବଣ୍ଟନ କରଯାଇଥିଲା। ଅନ୍ୟ ମଞ୍ଚାସୀନ ଅତିଥିଙ୍କ ମଧ୍ୟରେ ବରିଷ୍ଠ ନାଗରିକ ସଂଘ ପ୍ରଦୀପ ପଣ୍ଡା, ରଞ୍ଜିତ ରାଉତ, ସୁରେନ୍ଦ୍ର ନାଥ ଚୌବେ, ଶରତ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଆଞ୍ଚଳିକ ଭିନ୍ନକ୍ଷମ ଅଧିକାରୀ ରବୀନ୍ଦ୍ର ନାଥ ଶତପଥୀ ପରିଚାଳନା କରିଥିଲେ।

# ଟ୍ରକ୍ ପଛକୁ ଧକ୍କା ଦେଲା ବାଇକ୍, ଜଣେ ମୃତ

କୁଚିଣ୍ଡା,୧।୧୦(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା କୁଚିଣ୍ଡା ଥାନା ୪୯ନମ୍ବର ଜାତୀୟ ରାଜପଥ କୁମୁରାଗୁଡା ଛକରେ ମଙ୍ଗଳବାର ସନ୍ଧ୍ୟା ପ୍ରାୟ ସାଢେ ୭ଟା ସମୟରେ ଛିଡା ହୋଇଥିବା ଏକ ଟ୍ରକ ପଛପଟୁ ବାଇକ୍ ଧକ୍କା ଦେଇଥିଲା। ଫଳରେ ବାଇକ ଆରୋହୀଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ମୃତକ ହେଲେ କୁଚିଣ୍ଡା ଥାନା ସୁବର୍ଣ୍ଣପାଲି ପଞ୍ଚାୟତ ସୁଣ୍ଢେନମାଲ ଗ୍ରାମର ଚିତ୍ରସେନ ବଲୁଆ(୩୦)। ଖବରପାଇ କୁଚିଣ୍ଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ଡାକ୍ତରଖାନାକୁ ପଠାଇଛି। ବୁଧବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ପୋଲିସ କହିଛି। ଏନେଇ ପୋଲିସ ଦୁର୍ଘଟଣା ମାମଲା ରୁଜୁ କରି ଟ୍ରକ ଓ ବାଇକକୁ ଜବତ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଜାତୀୟ ରାଜପଥର ଲାଡ ନିକଟସ୍ଥ କୁମୁରାଗୁଡା ଛକରେ ଟ୍ରକଟି ଛିଡା ହୋଇଥିଲା। ବାଇକ ଆରୋହୀ ଚିତ୍ରସେନ କୁଚିଣ୍ଡା ପଟୁ ବାଇକ (ନଂ.ଓଡି–୧୫ଟି–୦୯୭୧)ରେ ନିଜ ଘରକୁ ଫେରୁଥିଲେ।ହେଲେ ଦ୍ରୁତ ଗତିରେ ବାଇକ ଚାଳନା କରୁଥିବାରୁ ସେ ନିୟନ୍ତ୍ରଣ ହରାଇ ଛିଡା ହୋଇଥିବା ଟ୍ରକ ପଛପଟେ ବାଡେଇ ହୋଇଥିଲେ।

# ମାନସିକ,ଶାରୀରିକ ସୁସ୍ଥତା ପାଇଁ ସ୍ୱଚ୍ଛତା ଆବଶ୍ୟକ



ଛାତ୍ରୀମାନେ ସଫେଇ କରୁଛନ୍ତି।

ନାକଟିଦେଉଳ,୧।୧୦(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟରେ ମଙ୍ଗଳବାର ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ସ୍ନାତକ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା ସଭାରେ ଅଧ୍ୟାପିକା ଗିରିଶବାଳା ନାୟକ, ଲିଟିନା ପ୍ରିୟଦର୍ଶିନୀ, ଜୟନ୍ତୀ ସାହୁ, ଶତୋଶ୍ରୀ ପ୍ରଧାନ, ସଙ୍ଗୀତା ସେଠ, ଅଧ୍ୟାପକ ଦେବେଶ ବିଶ୍ୱାଳ, ଶେଷଦେବ ବିଶ୍ୱାଳ, ବିନୋଦ ବିହାରୀ ପ୍ରଧାନ, ପ୍ରଭୁଦତ୍ତ ବେହେରା, ହିମାଂଶୁ ବାରିକ ଏବଂ ନେହେରୁ ଯୁବକେନ୍ଦ୍ରର ସ୍ୱେଚ୍ଛାସେବୀ ପ୍ରଦୀପ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଭାରତ ସରକାରଙ୍କ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଉପରେ ଆଲୋକପାତ କରି ସାମାଜିକ, ମାନସିକ ଏବଂ ଶାରୀରିକ ସୁସ୍ଥତା ପାଇଁ ସ୍ୱଚ୍ଛତାର ଆବଶ୍ୟକତା ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ଛାତ୍ରୀଛାତ୍ର ଏବଂ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ସର୍ବଦା ସ୍ୱଚ୍ଛ ରହିବା ସହ ନିଜର ଚତୁଃପାର୍ଶ୍ୱକୁ ସ୍ୱଚ୍ଛ ରଖିବାକୁ ଶପଥ ପାଠ କରିଥିଲେ। କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନାର ଅଧିକାରୀ ଅଧ୍ୟାପିକା ଡ. ପୁଷ୍ପାଞ୍ଜଳି ରବଣା ପରିଚାଳନା କରିଥିବା ବେଳେ ଅନ୍ୟତମ ଅଧିକାରୀ ଅଧ୍ୟାପକ ଭଜମୋହନ ପ୍ରଧାନ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ମହାବିଦ୍ୟାଳୟ ପରିସରରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ସ୍ୱଚ୍ଛତା ସମ୍ପର୍କରେ ବିଭିନ୍ନ ସ୍ଲୋଗାନ ଦେଇ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲେ। ନାକଟିଦେଉଳ ବସଷ୍ଟାଣ୍ଡ ଏବଂ ଦୁର୍ଗାମଣ୍ଡପ ପରିସର ସଫେଇ କରିଥିଲେ।

# ରାବଣପୋଡ଼ିରେ ସବୁଜ ବାଣକୁ ଗୁରୁତ୍ୱ

ସମ୍ବଲପୁର,୧।୧୦(ପ୍ରମୋଦ ବହିଦାର)

ସ୍ଥାନୀୟ ଅନନ୍ତରାମ ବେରିହା କ୍ଲବ ପରିସରରେ ଦଳେଇପଡ଼ା ରାବଣପୋଡ଼ି ମହୋତ୍ସବ କମିଟି ସଭାପତି ସିଦ୍ଧାର୍ଥ ସାହାଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାବଣପୋଡ଼ି ମହୋତ୍ସବକୁ ଅଧିକ ଆକର୍ଷଣୀୟ କରିବାକୁ ନିଷ୍ପତ୍ତି ହୋଇଛି। ମହାନଦୀ କୂଳରେ ଅନୁଷ୍ଠିତ ହେବାକୁ ଥିବା ରାବଣପୋଡ଼ି ଉତ୍ସବକୁ ସୁରୁଖୁରୁରେ ସମ୍ପାଦନ କରିବା ଦାୟିତ୍ୱରେ ରହିବେ କମିଟିର ସମ୍ପାଦକ ଅନୁପ ତରିଆ। ସମ୍ବଲପୁରବାସୀ ଚଳିତ ବର୍ଷ ରାବଣପୋଡ଼ି ଉତ୍ସବରେ ଏକ ଆକର୍ଷଣୀୟ ଆତସବାଜି ଦେଖିବାକୁ ପାଇବେ। ବିଶେଷ କରି ଚଳିତବର୍ଷ ଆତସବାଜିରେ ସବୁଜ ବାଣ ବ୍ୟବହାରକୁ ଗୁରୁତ୍ୱ ଦିଆଯିବ। ଫଳରେ ସମ୍ବଲପୁରବସୀ ଚଳିତବର୍ଷ ବିଜୟା ଦଶମୀ ଉତ୍ସବକୁ ଏକ ଭିନ୍ନ ରୂପରେ ଉପଭୋଗ କରିବେ ବୋଲି କମିଟି ସଭାପତି ସାହା କହିଛନ୍ତି। ଚଳିତ ବର୍ଷ ନୂତନ ଭାବେ ରାବଣପୋଡ଼ି କମିଟି ଗଠିତ ହୋଇଛି। ଏଥିରେ ଶରଦ ଶର୍ମା, ଟିଙ୍କୁ ବେରିହା ଉପସଭାପତି, ସୁଶାନ୍ତ ହୋତା, ଇନ୍ଦ୍ରଜିତ ଡନ୍‌ସେନା ଯୁଗ୍ମ ସମ୍ପାଦକ, ଶେଷଦେବ ଦାସ କୋଷାଧ୍ୟକ୍ଷ, ବିମଳ ବେରିହା ଓ ରାହୁଲ ଠାକୁରଙ୍କୁ ଯୁଗ୍ମ କୋଷାଧକ୍ଷ ଭାବେ ଚୟନ କରାଯାଇଛି। ସେହିପରି କାର୍ଯ୍ୟକାରୀ ସଦସ୍ୟଭାବେ ଶ୍ୟାମସୁନ୍ଦର ଅଗ୍ରୱାଲ, ଅରୁଣ ପଟୱାରି, ସମରଜିତ ପଟ୍ଟନାୟକ, ଅନୱର ଖାନ, ସଞ୍ଜୟ ଠାକୁର, ଆନନ୍ଦୀ ବେହେରା, ରମେଶ ବାରିକ, ମହମ୍ମଦ ସାନାଉଲ୍ଲା, ଗୋକୁଳ ମେହେର, ରାଜୀବଲୋଚନ ଦାସ, ସୁରେନ୍ଦ୍ର ନାୟକ, ଆଦିତ୍ୟ ବାରିକ, ଅଭିଷେକ କେଜ୍‌ରିୱାଲ ମନୋନୀତ ହୋଇଛନ୍ତି।

# ଯୁବପିଢ଼ି ଭାଷା ସାହିତ୍ୟର ଧରୋହର

ସମ୍ବଲପୁର,୧।୧୦(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ସାମ୍ବାଦିକ ଭବନଠାରେ ମଙ୍ଗଳବାର ଗୀତାଞ୍ଜଳି ଷଡଙ୍ଗୀ ସ୍ମୃତି ସମିତି ପକ୍ଷରୁ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ସମ୍ବଲପୁର ଜିଲା ସାମ୍ବାଦିକ ସଂଘ ସଭାପତି ସୁବାସ ଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଦ୍ଧେଶ୍ୱରୀ ଧର୍ମ ସଂସଦର ସଭାପତି ଗୋପିନାଥ ଷଡଙ୍ଗୀ, ଅଧ୍ୟାପକ ସୋମନାଥ ବିଶ୍ୱାଳ, ଓଡ଼ିଶା ସାଂସ୍କୃତିକ ସମାଜର ସଭାପତି ଡ. ପରେଶ ଚନ୍ଦ୍ର ଦାନୀ, କବୟିତ୍ରୀ ଭାରତୀ ଦାଶ ମଞ୍ଚାସୀନ ଥିଲେ। ଅତିଥିମାନେ ସାହିତ୍ୟ ଏବଂ ଧର୍ମ ସଂସଦର ସଙ୍ଗଠନ କାର୍ଯ୍ୟରେ ଗୀତାଞ୍ଜଳୀ ଷଡଙ୍ଗୀଙ୍କ ଅବଦାନକୁ ପ୍ରଶଂସା କରିଥିଲେ। ଯୁବପୀଢୀ ଆଗାମୀ ସମୟରେ ଆମର ଭାଷା ସାହିତ୍ୟର ଧରୋହର ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଡ. ସଙ୍ଗୀତା ପଣ୍ଡା ଷଡଙ୍ଗୀଙ୍କୁ ସିଦ୍ଧେଶ୍ୱରୀ ପ୍ରଜ୍ଞା ସମ୍ମାନ ପ୍ରଦାନ କରାଯାଇଥିଲା। ଏହାସହ ନୃତ୍ୟଗୁରୁ ପୂଜା ପରିମିତା ସାହୁଙ୍କୁ ଗୀତାଞ୍ଜଳି ଷଡଙ୍ଗୀ ସ୍ମୃତି ସମ୍ମାନ ଏବଂ କବୟିତ୍ରୀ ଅନନ୍ୟା ବେହେରାଙ୍କୁ ଅଙ୍କିତା ପାଣି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମାରୋହରେ କବୟତ୍ରୀ ଡ. ସଙ୍ଗୀତା ପଣ୍ଡା ଷଡ଼ଙ୍ଗୀଙ୍କ ସମ୍ବଲପୁରୀ କବିତା ପୁସ୍ତକ ହାତୁଁ ହାତକେ ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଅଧ୍ୟାପକ ସୋମନାଥ ବିଶ୍ୱାଳ ପୁସ୍ତକର ସମୀକ୍ଷା କରିଥିଲେ। ସାରସ୍ୱତ ସମାରୋହ ପୂର୍ବରୁ ଆୟୋଜିତ ନୃତ୍ୟ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ପରେ ଡ. ସଙ୍ଗୀତା ପଣ୍ଡା ଷଡଙ୍ଗୀ ଏବଂ ସବିତା ମିଶ୍ରଙ୍କ ସଂଯୋଜନାରେ ଏକ କବିତା ପାଠ ଅନୁଷ୍ଠିତ ହୋଇଥିଲା।



ସାରସ୍ୱତ ସମାରୋହରେ ସମ୍ବଲପୁରୀ କବିତା ପୁସ୍ତକ ହାତୁଁ ହାତକେ ଉନ୍ମୋଚନ କରାଯାଉଛି।

# ରାସ୍ତା କଂକ୍ରିଟ୍‌କରଣରେ ଅନିୟମିତତା

ଜମନକିରା,୧।୧୦(ରବୀନ୍ଦ୍ର ପ୍ରସାଦ ଦାନୀ)


ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଗ୍ରାମବାସୀ

**ଲେବର କମିଶନରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ**

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ବଡ଼ମାଳ ପଞ୍ଚାୟତ ସଦର ମହକୁମାରେ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କଂକ୍ରିଟ ରାସ୍ତା ତିଆରି ହେଉଛି। ହେଲେ ନିର୍ମାଣ କାମରେ ଅନିୟମିତତା ହେଉଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ, ୨୦୨୩–୨୪ ଆର୍ଥିକ ବର୍ଷରେ ରାସ୍ତା କଂକ୍ରିଟ କରଣ ପାଇଁ ଏସ୍ଏଫ୍‌ସି/ସିଏଫ୍‌ସି ଯୋଜନାରେ ୧୦ ଲକ୍ଷ ଟଙ୍କା ମଞ୍ଜୁର ହେଲା। ଗ୍ରାମର ଅତୀଶ ଗଳିଠାରୁ ଆରମ୍ଭକରି ଘୁନଘୋଷା ରାସ୍ତା ପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ହେଲା। ନିର୍ମାଣ କାର୍ଯ୍ୟରେ ଠିକାଦାର ଅନିୟମିତତା କରୁଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଠିକାଦାର ବାଲି, ସିମେଣ୍ଟ, ଗୋଡ଼ି ଠିକ୍ ମାତ୍ରାରେ ଦେଉ ନ ଥିବା ବେଳେ ସରକାରଙ୍କ ନୂତନ କାର୍ଯ୍ୟାଦେଶ ଅନୁଯାୟୀ,ଅଣକୁଶଳୀ ଶ୍ରମିକଙ୍କୁ ୪୫୦ ଓ କୁଶଳୀ ଶ୍ରମିକଙ୍କୁ ୫୦୦ ଟଙ୍କା ପ୍ରତିଦିନ ମଜୁରି ଦେବା ବଦଳରେ କେବଳ ୨୫୦ ଟଙ୍କା ଦେଉଛନ୍ତି। ଏହାର ପ୍ରତିବାଦରେ ମଙ୍ଗଳବାର ଗ୍ରାମବାସୀ ବିଡିଓ ରୀନା ନାୟକଙ୍କ ଜରିଆରେ ଏକ ଦାବିପତ୍ର ସମ୍ବଲପୁର ଲେବର କମିଶନରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ଗ୍ରାମର ଯୁବକ ଦିଲୀପ ବଗାରଙ୍କ ଅଭିଯୋଗ ହେଉଛି, ନିର୍ବାଚନ ଆଚରଣ ବିଧି ଲାଗୁହେବା ପୂର୍ବରୁ ଏହି ରାସ୍ତା କାମ ଆରମ୍ଭ ହେଲା। କୁଚିଣ୍ଡା ବିଧାୟକ ପରିବର୍ତ୍ତନ ହେଲା ପରେ ତାଙ୍କୁ ଆଉ କାମ କରିବା ପାଇଁ ଦିଆଗଲା ନାହିଁ କି ତାଙ୍କର ହୋଇଥିବା ଖର୍ଚ୍ଚ ବିଷୟରେ ସମ୍ପୃକ୍ତ ଠିକାଦାର ବୁଝିଲେ ନାହିଁ। ଏ ନେଇ ସେ ଜେଇ, ଏଇଇ ସୁଶ୍ରୀ ଶାଳିନୀ ସିଂଙ୍କୁ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଫଳପ୍ରଦ ହୋଇନାହିଁ। ଶ୍ରମିକଙ୍କୁ ସରକାରୀ ଧାର୍ଯ୍ୟ ଅନୁସାରେ ଶ୍ରମ ପ୍ରଦାନ କରା ନ ଗଲେ ଆଗାମୀ ଦିନରେ ଜିଲା ଅଫିସ ଘେରାଉ କରଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ଲାଠୋର କଲେଜରେ ବିଜ୍ଞାନ ବିଷୟ ପାଠ୍ୟକ୍ରମ ଖୋଲାଯାଉ

**ଲାଠୋର,୧।୧୦(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ଡିଗ୍ରୀ କଲେଜରେ ଯୁକ୍ତ୨ ଏବଂ ଯୁକ୍ତ ୩ କଳା ଏବଂ ବାଣିଜ୍ୟ ବିଭାଗ ରହିଥିବା ବେଳେ ବିଜ୍ଞାନ ବିଭାଗ ପାଠ୍ୟକ୍ରମ ଖୋଲିବା ପାଇଁ ଦୀର୍ଘବର୍ଷରୁ ଦାବି ହୋଇ ଆସୁଛି। କିନ୍ତୁ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଅସନ୍ତୋଷ ବଢିଚାଲିଛି । ଏବେ ସରକାର ପରିବର୍ତ୍ତନ ହୋଇଛି। ନୂଆ ସରକାର ଲୋକଙ୍କ ଦାବିକୁ ଗୁରୁତ୍ୱ ଦେଇ ବିଜ୍ଞାନ ବିଭାଗ ପାଠ୍ୟକ୍ରମ ଖୋଲିବା ନେଇ ଛାତ୍ରୀଛାତ୍ର ଓ ଅଭିଭାବକ ଆଶା ବାନ୍ଧି ବସିଛନ୍ତି।




ପ୍ରକାଶ ଯେ, ଲାଠୋର ଗ୍ରାମରେ ୧୯୯୭ ମସିହାରେ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ଥାପନ କରି ଯୁକ୍ତ ୨ କଳା ଏବଂ ବାଣିଜ୍ୟ ପାଠ୍ୟକ୍ରମରେ ଶିକ୍ଷାଦାନ ଆରମ୍ଭ କରାଯାଇଥିଲା। ୪ ବର୍ଷ ପରେ ୨୦୦୨ ମସିହାରେ ପଞ୍ଚାୟତ ଡ଼ିଗ୍ରୀ କଲେଜ ସ୍ଥାପନ କରାଯାଇ ଯୁକ୍ତ ୩ କଳା ଏବଂ ବାଣିଜ୍ୟରେ ମଧ୍ୟ ଶିକ୍ଷାଦାନ ଆରମ୍ଭ କରାଗଲା। ଗୋଟିଏ କ୍ୟାମ୍ପସ୍‌ରେ ବର୍ତ୍ତମାନ ଦୁଇ ଗୋଟି ଶିକ୍ଷା ଅନୁଷ୍ଠାନ ରହିଛି। ଦୁଇ ଗୋଟି ଅନୁଷ୍ଠାନରେ ସମୁଦାୟ ୯୯୨ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଆଦିବାସୀବହୁଳ ଏହି ଅଞ୍ଚଳର ଅଧିକାଂଶ ପରିବାର ସଦସ୍ୟ ଦାଦନ ଖଟିବାକୁ ଯାଇ ପରିବାର ପ୍ରତିପୋଷଣ କରିଥାନ୍ତି। ଶିକ୍ଷାର ଗୁରୁତ୍ୱକୁ ସଂପୃକ୍ତ ପରିବାରବର୍ଗ ବୁଝି ଦୁଃଖ କଷ୍ଟ କରି ନିଜ ପିଲାଙ୍କୁ ମଣିଷ କରିବା ପାଇଁ ପାଠ ପଢାଉଛନ୍ତି। ହେଲେ ବିଜ୍ଞାନ ବିଭାଗ ଖୋଲି ନ ଥିବା ଯୋଗୁ ଇଚ୍ଛା ଥିଲେ ବି ମେଧାବୀ ଛାତ୍ରୀଛାତ୍ର ବିଜ୍ଞାନ ବିଷୟରେ ପାଠ ପଢିବାରୁ ବଞ୍ଚିତ ହେଉଛନ୍ତି। ନିକଟରେ ମାଲପଡ଼ା ଗ୍ରାମରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ଖୋଲାଯାଇଥିବା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ ବିଜ୍ଞାନ ଶିକ୍ଷା ବ୍ୟବସ୍ଥା ରହିଥିଲେ ମଧ୍ୟ ସେଠାରେ ଜିଲା ତଥା ଜିଲା ବାହାର ଛାତ୍ରୀଛାତ୍ର ନିର୍ଭର କରୁଥିବାରୁ ଅଧିକାଂଶ ପିଲା ସେଠାରେ ପାଠ ପଢିବା ପାଇଁ ସିଟ ପାଉ ନାହାନ୍ତି। ଫଳରେ ଶ୍ରମିକ ସଂପ୍ରଦାୟର ଅଭିଭାବକମାନେ ନିଜ ପିଲାଙ୍କୁ ପାଟଣାଗଡ଼,ଟିଟିଲାଗଡ଼, ନୂଆପଡ଼ା ଇତ୍ୟାଦି ଦୂର ସ୍ଥାନରେ ରହିଥିବା କଲେଜଗୁଡ଼ିକରେ ଅର୍ଥ ଖର୍ଚ୍ଚ କରି ବିଜ୍ଞାନ ପାଠ ପଢିବା ପାଇଁ ପଠାଇବାକୁ ସକ୍ଷମ ହୋଇ ପାରୁନାହାନ୍ତି। ଫଳରେ ଡ଼ାକ୍ତର, ଇଞ୍ଜିନିୟର, ବୈଜ୍ଞାନିକ ହେବା ନେଇ ଆଶା ବାନ୍ଧିଥିବା ଛାତ୍ରୀଛାତ୍ରମାନଙ୍କ ଆଶା ମଉଳି ଯାଉଛି। ସମଗ୍ର ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ଏକମାତ୍ର ଡ଼ିଗ୍ରୀ କଲେଜ ହେଉଛି ଲାଠୋର ପଞ୍ଚାୟତ ଡ଼ିଗ୍ରୀ କଲେଜ। ଏଠାରେ ଯୁକ୍ତ ୨ରୁ ବିଜ୍ଞାନ ବିଭାଗ ଖୋଲିବା ପାଇଁ ଭିତ୍ତିଭୂମି ରହିଛି। ତେବେ ଲୋକଙ୍କ ଦାବିକୁ ଗୁରୁତ୍ୱ ଦେଇ ଲାଠୋର କଲେଜରେ ଗଣଶିକ୍ଷା ବିଭାଗ ଯୁକ୍ତ ୨ ବିଜ୍ଞାନ ବିଭାଗ ଖୋଲିବାକୁ ସାଧାରଣରେ ଦାବି ହେଉଛି।

## ସେମାନେ ଯାହା କୁହନ୍ତି

“ ବିଜ୍ଞାନ ବିଭାଗରେ ପାଠ ପଢିବାର ବହୁତ ଇଚ୍ଛା ଥିଲା । ହେଲେ ପାଖରେ କଲେଜ ନ ଥିବା ହେତୁ ବାହାରକୁ ଯାଇ ବିଜ୍ଞାନ ପାଠ ପଢିବା ମୋ ପକ୍ଷରେ ସମ୍ଭବପର ହେଲା ନାହିଁ।

**– ଉର୍ମିଳା କୁଅଁର, ଯୁକ୍ତ ୨ ଦ୍ୱିତୀୟ ବର୍ଷ କଳା ଛାତ୍ରୀ ।**

“ ଆମ ଅଞ୍ଚଳର ଅନେକ ଛାତ୍ରୀଛାତ୍ର ବିଜ୍ଞାନ ପାଠ ପଢିବାକୁ ଇଚ୍ଛୁକ ଥିଲେ ମଧ୍ୟ ସେମାନଙ୍କୁ ସୁଯୋଗ ମିଳୁନାହିଁ। ଫଳରେ ସେମାନେ ବାଧ୍ୟ ହୋଇ ଗାଁ କଲେଜରେ ଥିବା କଳା ଏବଂ ବାଣିଜ୍ୟରେ ପାଠ ପଢୁଛନ୍ତି।

**– ବିକାଶ ସୁନା, ଯୁକ୍ତ ୩ ଦ୍ୱିତୀୟ ବର୍ଷ କଳା ଛାତ୍ର ।**

“ ଗ୍ରାମାଞ୍ଚଳରେ ବସବାସ କରୁଥିବା ଗରିବ ପରିବାରରୁ ଆସିଛୁ। ଅର୍ଥାଭାବ ଯୋଗୁ ବାହରକୁ ଯାଇ ବିଜ୍ଞାନ ପାଠ ପଢିବା ସମ୍ଭବ ହେଲାନାହିଁ।

**–ରାଜନନ୍ଦିନୀ ବାରିକ, ଯୁକ୍ତ ୨ ଦ୍ୱିତୀୟ ବର୍ଷ କଳା ଛାତ୍ରୀ ।**

“ ଲାଠୋର ଏକ ଆଦିବାସୀ ବହୁଳ ଦାଦନ ପ୍ରବଣ ଅଞ୍ଚଳ । ତଥାପି ଶିକ୍ଷାର ମହତ୍ୱ କୁ ବୁଝି ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ସରକାର ଅନୁସୂଚିତ ଜାତି ଓ ଜନଜାତି ବର୍ଗର ପିଲାମାନଙ୍କୁ ମାଗଣାରେ ଡ଼ାକ୍ତରୀ, ଇଞ୍ଜିନୟରିଂ ପାଠ ପଢିବାର ବ୍ୟବସ୍ଥା କରିଛନ୍ତି। ହେଲେ ବିଜ୍ଞାନ ପାଠ ପଢିବା ପାଇଁ ଅଞ୍ଚଳରେ ସୁବିଧା ନ ଥିବା ହେତୁ ଅଞ୍ଚଳର ପିଲା ମାନେ ଏଥିରୁ ବଞ୍ଚିତ ହେବା ଦୁଃଖର ବିଷୟ ।

**– ସଦାନନ୍ଦ ବେହେରା, ଶିକ୍ଷାବିତ୍ ।**

# ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଉଦ୍‌ଯାପିତ




କାର୍ଯ୍ୟକ୍ରମରେ ରାମଚନ୍ଦ୍ରପୁର କନ୍ୟାଶ୍ରମର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି ।

**ଦେଓଗାଁ,୧।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ବନ୍ଧପଡା ହାଇସ୍କୁଲ ପରିସରରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ବନ୍ଧପଡା ହାଇସ୍କୁଲ ପ୍ରଧାନ ଶିକ୍ଷକ ଜିତେନ୍ଦ୍ରିୟ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ ଯୋଗଦେଇ ଶିଶୁମାନଙ୍କର ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ସୁରଭି ଏକ ମାଧ୍ୟମ ବୋଲି ମତ ପ୍ରକାଶ କରିଥିଲେ । ଗୁଣାତ୍ମକ ଶିକ୍ଷା ସହ ଖେଳ କୁଦ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଶିଶୁମାନଙ୍କର ବିକାଶର ଅଙ୍ଗ ବୋଲି ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେର, ଅତିରିକ୍ତ ଶିକ୍ଷାଅଧିକାରୀ କବିରାଜ ମାଝୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକର ୧୫ଟି କ୍ଲଷ୍ଟରର ୭୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୧୮ ଜଣ ପ୍ରତିଯୋଗୀଙ୍କୁ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ କରାଯାଇଥିଲା। ସଭାକୁ ସଞ୍ଜିବ ଷଡଙ୍ଗୀ ପରିଚାଳନା କରିଥିବା ବେଳେ ଏବିଇଓ ଅଜିତ୍ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଶିଶୁ ମହୋତ୍ସବ ସୁରଭି

**ଟିଟିଲାଗଡ଼,୧।୧୦(ଶରତ ମିଶ୍ର)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ବ୍ଲକ ଅଧୀନସ୍ଥ ବିଜେପୁର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଗୋପାଳ ସିଂ ସୁନାଙ୍କ ଆହ୍ୱାନକ୍ରମେ ସ୍ଥାନୀୟ ଚୋରମରା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଜେପୁର ଆଞ୍ଚଳିକ ସାଧନ କେନ୍ଦ୍ର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଟିଟିଲାଗଡ଼ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିରାମ ମାଝୀ ମୁଖ୍ୟଅତିଥି ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୋଦଣ୍ଡ ଭୋଇ, ଚୋରମରା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଜେପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଥିଲେ। ଗୋପାଳ ସିଂ ସୁନାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା ।

# ଖଦ୍ୟୋତ ଅନୁଷ୍ଠାନର ନୂଆଁଖାଇ ଭେଟ୍‌ଘାଟ୍



ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି ।

**ବଲାଙ୍ଗୀର,୧।୧୦(ବୀରେନ୍ଦ୍ର କୁମାର ଝାଙ୍କର)**

ଅଗ୍ରଣୀ ଅନୁଷ୍ଠାନ ଖଦ୍ୟୋତ ପକ୍ଷରୁ ସ୍ଥାନୀୟ ମଣ୍ଟେସୋରୀ ସ୍କୁଲ ପରିସରରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନ ସଭାପତି ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କବି ଡ. ପ୍ରହ୍ଲାଦ ଶତପଥୀ, ସମ୍ମାନିତ ଅତିଥି ଭାବେ ମଣ୍ଟେସୋରୀ ସ୍କୁଲ ଅଧ୍ୟକ୍ଷ ରବିଚନ୍ଦ୍ର ଉଦ୍‌ଗାତା, ହିମାନୀ ତ୍ରିପାଠୀ, ମୁଖ୍ୟବକ୍ତା ଭାବେ କବି ଶୁଭ୍ରାଂଶୁ ଶେଖର ପଣ୍ଡା ମଞ୍ଚାସୀନ ହୋଇଥିଲେ । ଉପସଭାପତି ରବିଚନ୍ଦ୍ର ପଶାୟତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଆକୁଳ ବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଅତିଥିମାନେ ପଶ୍ଚିମ ଓଡିଶାର ମହାନ ଗଣପର୍ବ ନୂଆଖାଇର ବାର୍ତ୍ତା ଓ ଭାଇଚାରା ଦିଗରେ ଏହି ତିହାରର ଭୂମିକା ଉପରେ କହିଥିଲେ। ବିଶ୍ୱ ହୃଦୟ ଦିବସ ଉପଲକ୍ଷେ ସଭାପତି ପ୍ରଫେସର ମିଶ୍ର ସମସ୍ତେ କିଭଳି ସୁସ୍ଥ ଓ ନିରାମୟ ରହିବେ ସେନେଇ କାମ କରିବାକୁ ଆହ୍ୱାନ କରିଥିଲେ। ପୂର୍ବରୁ ଆୟୋଜିତ ଚିତ୍ରାଙ୍କନ, ସଙ୍ଗୀତ, ନାଚ, କୌତୁକ ପୋଷାକ, ଗୃହିଣୀମାନଙ୍କ ମଧ୍ୟରେ ରଙ୍ଗୋଲି, ଘର ତିଆରି ପିଠାପଣା ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କୃତି ପ୍ରତିଯୋଗୀ ମଣ୍ଟେସୋରୀ ସ୍କୁଲର ସମାପିକା ବାରିକ, ଶିଶୁ ମନ୍ଦିରର ହର୍ଷିତା ସିଂ, ଲୋପାମୁଦ୍ରା ସାହୁ, ରୋସନୀ ପବ୍ଲିକ ସ୍କୁଲର ନୈତିକ ନୟନ ଦାଶ, ଅଦ୍ୟୋତ ମହାପାତ୍ର, ବଚପନ ସ୍କୁଲର ସ୍ୱାଧୀନତା ତ୍ରିପାଠୀ, ସଞ୍ଜୁକ୍ତା ପଣ୍ଡା, ମଧୁମିତା ଶତପଥୀ, ମଧୁସ୍ମିତା କର୍ଣ୍ଣ, ନମ୍ରତା ପାଣିଗ୍ରାହୀ, ସଙ୍ଗୀତା ବାରିକଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଆନନ୍ଦ ବଡପଣ୍ଡା ଓ ଦିବାକର ହୋତା ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଧର୍ମବ୍ରତ ରଥ, ଅନନ୍ତ କିଶୋର, ସହସମ୍ପାଦକ ରାଜେଶ ପାଣିଗ୍ରାହୀ ସହଯୋଗ କରିଥିଲେ । ଶେଷରେ ସତ୍ୟ ନାରାୟଣ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଉପରେ ଗୁରୁତ୍ୱ

**ଖପ୍ରାଖୋଲ,୧।୧୦(ଅଭୟ ତ୍ରିପାଠୀ)**

## ଖପ୍ରାଖୋଲରେ ସପ୍ତମ ପଞ୍ଚାୟତ ସମିତି ବୈଠକ

■ ଉନ୍ନୟନମୂଳକ କାମ ଉପରେ ଆଲୋଚନା

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସଭାଗୃହଠାରେ ସପ୍ତମ ପଞ୍ଚାୟତ ସମିତିର ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ଲକ ଅଧ୍ୟକ୍ଷା ନିରୁପମା ପଟେଲ ଅଧ୍ୟକ୍ଷତା କରିଥିଲେ। ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି, ଲୋକ ସଭା ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ସନ୍ତୋଷ କୁମାର ଭାଇଁଶାଳ, ଉପ ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ବ୍ଲକ ଉପାଧ୍ୟକ୍ଷ ସୁଖିରାମ ସାଣ୍ଡ ଯୋଗଦେଇ ଥିଲେ। ଏହି ଅବସରରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା। ଏହାଛଡା କୃଷି, ଜଳସେଚନ, ଶିଶୁ ଓ ମହିଳା ବିକାଶ, ଉଦ୍ୟାନ କୃଷି, ପଶୁପାଳନ, ବିଦ୍ୟୁତ୍ ସମସ୍ୟା ସହିତ ବିଭିନ୍ନ ଉନ୍ନୟନମୂଳକ କାମ ଉପରେ ଆଲୋଚନା ହୋଇଥିଲା। ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ପୂର୍ବ ବୈଠକର ବିବରଣୀ ପଠନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟା ସଞ୍ଜୁକ୍ତା ମେହେର, ପ୍ରମିଳା ପାଥର, ବିଭିନ୍ନ ପଞ୍ଚାୟତର ସମିତି ସଭ୍ୟାସଭ୍ୟ, ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ । ଜିପିଡ଼ିଓ ପରମେଶ୍ୱର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।




ବୈଠକରେ ଯୋଗ ଦେଇଥିବା ସଭ୍ୟାସଭ୍ୟ ।

# ଓଡ଼ିଆ ଫିଲ୍ମ ଟିମ୍‌କୁ ମାଓବାଦୀ ଭୟ

**ବଲାଙ୍ଗୀର/ଖପ୍ରାଖୋଲ, ୧।୧୦**
**(ବୀରେନ୍ଦ୍ର କୁମାର ଝାଙ୍କର/ଅଭୟ ତ୍ରିପାଠୀ)**

## ପୋଲିସ ଅଧିକାରୀ କହିଲେ ସେଭଳି କିଛି ସୂଚନା ନାହିଁ

ବଲାଙ୍ଗୀର ଜିଲାର ଗନ୍ଧମାର୍ଦ୍ଦନ ପାହାଡ ପାଦ ଦେଶରେ ସୁଟିଂ ଚାଲିଥିବା ଓଡିଆ ଫିଲ୍ମ ଟିମ୍‌କୁ ଘାରିଛି ମାଓବାଦୀ ଭୟ। ତେବେ ବଲାଙ୍ଗୀର ପୋଲିସ ଏହାକୁ ଖଣ୍ଡନ କରିଛି। ଗନ୍ଧମାର୍ଦ୍ଦନ ପାଦଦେଶ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ହରିଶଙ୍କରଠାରେ ରବିବାର କୁମାର ଫିଲ୍ମ ପ୍ରାୟୋଜିତ ଓଡିଆ ଫିଲ୍ମ ‘ରାଣ୍ଡି ପୁଅ ଅନନ୍ତା’ର ଶୁଭ ମହୁରତ ଏବଂ ସୁଟିଂ ଆରମ୍ଭ ହୋଇଥିଲା। ଦୁଇଦିନ ସୁଟିଂ ଚାଲିବା ପରେ ମଙ୍ଗଳବାର ଏହି ଫିଲ୍ମ ଟିମ୍‌କୁ ମାଓବାଦୀଙ୍କ ଭୟ ଘାରିଥିବା ଖବର ପ୍ରଚାରିତ ହୋଇଥିଲା। ଗନ୍ଧମାର୍ଦ୍ଦନ ପାହାଡ ମାଓବାଦୀ ଅଧ୍ୟୁଷିତ ବୋଲି ଚିହ୍ନଟ ହୋଇଥିବାରୁ ଏଭଳି ଆଶଙ୍କା ପ୍ରକାଶ ପାଇଥିବା ଚର୍ଚ୍ଚାର ବିଷୟ ହୋଇଥିଲା। ଏହି ଫିଲ୍ମର ପିଆର ଏଣ୍ଡ ମାର୍କେଟିଂ ସ୍ଥିତ ପଟ୍ଟନାୟକ ମଧ୍ୟ ମାଓବାଦୀ ଭୟ ଆଶଙ୍କା ପ୍ରକାଶ କରିବା ପରେ ଗଣମାଧ୍ୟମରେ ଏହା ଚର୍ଚ୍ଚାର ବିଷୟ ହୋଇଥିଲା। ତେବେ ଏନେଇ ପାଟଣାଗଡ ଏସ୍‌ଡିପିଓ ସଦାନନ୍ଦ ପୂଜାରୀଙ୍କୁ ପଚରାଯିବାରୁ ପୂର୍ବରୁ ଏହି ଅଞ୍ଚଳ ମାଓବାଦୀ ଅଧ୍ୟୁଷିତ ଥିଲା। ଏବେ ଆମ ପାଖରେ କୌଣସି ସୂଚନା ନାହିଁ। ତେବେ ଯେଉଁ ଅଞ୍ଚଳରେ ପୋଲିସ ସୁରକ୍ଷା କର୍ମୀ ରହିଛନ୍ତି ସେଇ ସ୍ଥାନରେ ଫିଲ୍ମ ସୁଟିଂ କରିପାରିବେ ବୋଲି ସେ କହିଛନ୍ତି।

# ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଚିହ୍ନଟ ଶିବିର

**କଣ୍ଟାବାଞ୍ଜି,୧।୧୦(ଗୁରୁ ଦୟାଲ ହଂସ)**

ଭାରତୀୟ କୃତ୍ରିମ ନିଗମ ଭୁବନେଶ୍ୱର ଓ ସମଗ୍ର ଶିକ୍ଷା ବଲାଙ୍ଗୀରର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଦିନ ତୁରେକେଲା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନଙ୍କୁ ସହାୟକ ଉପକରଣ ଯୋଗାଣ ନିମନ୍ତେ ବ୍ଲକସ୍ତରୀୟ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଅତିରିକ୍ତ ଶିକ୍ଷା ଅଧିକାରୀ ଫକୀର ଚରଣ ବିଶି, ଯାଞ୍ଚକାରୀ ଶୁଭସ୍ମିତା ସାହୁ, ଜିତେନ୍ଦ୍ର ବାରିକ, ଶୁଭମ ଯାଦବ ଯୋଗ ଦେଇଥିଲେ। ତୁରେକେଲା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିରଞ୍ଚି ନାରାୟଣ ଦାଶ ସଭା ପରିଚାଳନା କରିଥିଲେ। ବିଆରଟି ସୁନୀଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଶିବିରରେ ତୁରେକେଲା ବ୍ଲକ ଅନ୍ତର୍ଗତ ବିଦ୍ୟାଳୟଗୁଡିକରେ ଅଧ୍ୟୟନରତ ୧୦୫ ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଯୋଗ୍ୟ ହିତାଧିକାରୀମାନଙ୍କୁ ପରବର୍ତ୍ତୀ ଶିବିରରେ ସହାୟକ ଉପକରଣ ବଣ୍ଟନ କରାଯିବ। ଜ୍ୟୋତି ବିକାଶ ବାରିକ, ସିଆରସିସି ଧନସିଂ ମାଝୀ, ଗୁରୁ ପ୍ରସାଦ ଛତ୍ରିଆ, ମୋହନ ବରିହା, କୃତ୍ତିବାସ ବରିହା, ସୁନୀଲ ରଞ୍ଜନ ସଲତାର, ପ୍ରକାଶ ସେଲମା,ଟିକେଶ୍ୱର ବେହେରା, ଶ୍ରୀକାନ୍ତ ବାଗ,ସୁଶାନ୍ତ ପ୍ରଧାନ, ପୀତବାସ ସାହୁ, ଛବିଲା ନାୟକ, ଆଶିଷ ବେହେରା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।




ଶିବିରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ‘ବରିଷ୍ଠଙ୍କ ଅନୁଭୂତି ମଙ୍ଗଳକର’

**ବଲାଙ୍ଗୀର,୧।୧୦(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲା ପ୍ରଶାସନ ଓ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର ସ୍ଥାନୀୟ କଲେଜ ଛକସ୍ଥିତ କଲ୍ୟାଣମଣ୍ଡପଠାରେ ଜିଲାସ୍ତରୀୟ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମଦନଜିତ ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବରେଣ୍ୟ ଅତିଥି ଭାବେ ବଲାଙ୍ଗୀର ସଂଯୁକ୍ତ ଆଞ୍ଚଳିକ କେନ୍ଦ୍ର ନିର୍ଦ୍ଦେଶକ ଗୁରୁବକ୍ସ ସିଂ ଜାଗୋଟା, ଗୁରୁଶ୍ରୀ ଡ. ଘାସିରାମ ମିଶ୍ର, ପ୍ରଫେସର ଡ. ଦେବେନ୍ଦ୍ର କୁମାର ମିଶ୍ର, ସାମାଜିକ କର୍ମୀ ବିକ୍ରମାନନ୍ଦ ବହିଦାର ଓ ବସନ୍ତ ଆଚାର୍ଯ୍ୟ ଯୋଗ ଦେଇ ବରିଷ୍ଠ ନାଗରିକଙ୍କ ଅନୁଭୂତି ଓ ଆଶୀର୍ବାଦ ଉଭୟ ମଙ୍ଗଳକର ବୋଲି କହିଥିଲେ। ଏହି ସଭାରେ ବରିଷ୍ଠ ନାଗରିକଙ୍କ ସୁରକ୍ଷା ଏବଂ ସେବା ବିଷୟରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଜରାଶ୍ରମଗୁଡିକରେ ବରିଷ୍ଠ ନାଗରିକମାନଙ୍କ ଉପଯୁକ୍ତ ସେବା ଯତ୍ନ ଯେଭଳି ସୁଚାରୁ ରୂପେ ସମ୍ପାଦନ ହେବ ସେନେଇ ଗୁରୁତ୍ୱାରୋପ କରାଯାଇଥିଲା। ବରିଷ୍ଠ ନାଗରିକଙ୍କ ପ୍ରତି ସମାଜରେ ବୃଦ୍ଧି ପାଉଥିବା ଅବହେଳା ଏବଂ ଅସୁରକ୍ଷା ଚିନ୍ତାଜନକ ବୋଲି ଅତିଥିମାନେ କହିଥିଲେ। ସେମାନଙ୍କ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ କରିବା ଉପରେ ଆଲୋଚନା କରାଯାଇଥିଲା। ବାର୍ଦ୍ଧକ୍ୟଜନିତ ଏବଂ ରୋଗଜନିତ ଅକ୍ଷମତା ଦୂର ପାଇଁ ଫିଜିଓଥେରାପି କେନ୍ଦ୍ରରେ ସୁବ୍ୟବସ୍ଥା, ଆବଶ୍ୟକ ଚିକିତ୍ସା ସେବା ଏବଂ ଉପଯୁକ୍ତ ସେବାଯତ୍ନ ବିଷୟରେ ଅତିଥିମାନେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବରିଷ୍ଠ ନାଗରିକଙ୍କୁ ସହଜ ଚିକିତ୍ସା ବ୍ୟବସ୍ଥା ଯୋଗାଇବା ଦିଗରେ ପ୍ରଶାସନ ଗୁରୁତ୍ୱ ଦେବାକୁ ମତ ପ୍ରକାଶ ପାଇଥିଲା। ସଭାରେ ଅତିଥିମାନେ ଜିଲାର ଦୁଇଜଣ ବରିଷ୍ଠ ନାଗରିକ ବିକ୍ରମାନନ୍ଦ ବହିଦାର ଏବଂ ଶିବ ପ୍ରସାଦ ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରେ ଦେଓଗାଁ ସାଲେପାଲି ବୃଦ୍ଧଶ୍ରମର ଅଧିବାସୀଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଯୋଗଗୁରୁ ଡିଙ୍ଗର ରାଉତଙ୍କ ନେତୃତ୍ୱରେ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। କନ୍ଧପାଲିପଡାସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ବରିଷ୍ଠ ସ୍ୱାସ୍ଥ୍ୟ ଅଧିକାରୀ ଡା. ନନ୍ଦକିଶୋର ପାଢ଼ୀଙ୍କ ନେତୃତ୍ୱରେ ବରିଷ୍ଠ ନାଗରିକଙ୍କ ମାଗଣା ସ୍ୱାସ୍ଥ୍ୟ ଯାଞ୍ଚ ଶିବିର ଅନୁଷ୍ଠିତ ହୋଇଥିଲା। ଶେଷରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ହୋତା ଧନ୍ୟବାଦ ଅର୍ପଣ କରିଥିଲେ।



ସଭାରେ ସାମାଜିକ କର୍ମୀ ବିକ୍ରମାନନ୍ଦ ବହିଦାରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

## ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ

## ସଂକ୍ଷେପରେ

### ବୌଦ୍ଧରେ ନୂତନ ଆରକ୍ଷୀ ଅଧୀକ୍ଷକଙ୍କ ଯୋଗଦାନ



ବୌଦ୍ଧ,୧।୧୦(ଅଜିତ କୁମାର ବାରିକ)

ମଙ୍ଗଳବାର ଦିନ ବୌଦ୍ଧର ନୂତନ ଆରକ୍ଷୀ ଅଧୀକ୍ଷକ ଭାବେ ନାଗରାଜ ଦେଓରକୋଣ୍ଡା କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଆରକ୍ଷୀ ଅଧୀକ୍ଷକ ନାଗରାଜ ପୂର୍ବରୁ ପୋଲିସ ମୁଖ୍ୟାଳୟରେ କାର୍ଯ୍ୟରତ ଥିଲେ। ବୌଦ୍ଧର ଆରକ୍ଷୀ ଅଧୀକ୍ଷକ ଥିବା ରାଜ ପ୍ରସାଦଙ୍କ ବାଲେଶ୍ୱର ଜିଲାକୁ ବଦଳି ହୋଇଯାଇଛି।

### ସୁବର୍ଣ୍ଣପୁରରେ ନୂତନ ଏସ୍‌ପି ଯୋଗଦେଲେ



ସୋନପୁର,୧।୧୦(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁରର ୩୫ତମ ଏସ୍‌ପିଭାବେ ରାମ ପ୍ରସାଦ ସାହୁ ମଙ୍ଗଳବାର ସନ୍ଧ୍ୟାରେ ଯୋଗଦାନ କରିଛନ୍ତି। ସେ ଏହା ପୂର୍ବରୁ ରାଜ୍ୟ ପୋଲିସ ମୁଖ୍ୟାଳୟରେ କାର୍ଯ୍ୟରତ ଥିଲେ। ସୁବର୍ଣ୍ଣପୁରର ଅତିରିକ୍ତ ଏସ୍‌ପି ବୀରେନ୍ଦ୍ର କୁମାର ନାୟକଙ୍କ ନିକଟରୁ ସେ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି। ରାମ ପ୍ରସାଦଙ୍କ ବିଭିନ୍ନ ଜିଲାରେ ପୋଲିସ ବିଭାଗରେ କାମ କରିବାର ଦୀର୍ଘ ଅଭିଜ୍ଞତା ରହିଛି। ସେ ଦେବଗଡ଼ ଜିଲାର ଏସ୍‌ପିଭାବେ କାର୍ଯ୍ୟ କରିବା ସହ ପୂର୍ବରୁ ଭୁବନେଶ୍ୱର ସ୍ପେଶାଲ ବ୍ରାଞ୍ଚର ଏସ୍‌ପି, କୁଚିଣ୍ଡା ଓ ବ୍ରଜରାଜନଗରର ଏସଡିପିଓ ଭାବେ କାର୍ଯ୍ୟ କରିଛନ୍ତି। ଜିଲାରେ ଆଇନଶୃଙ୍ଖଳା ରକ୍ଷାକୁ ପ୍ରାଥମିକତା ଦେବା ସହ ମହିଳା ବିରୋଧି ହିଂସା କ୍ଷେତ୍ରରେ ପୋଲିସ ଶୂନ୍ୟ ସହନଶୀଳ ଆପଣେଇବେ। ଜନସାଧାରଣଙ୍କ ସହିତ ସୁସମ୍ପର୍କ ରକ୍ଷା, ଜିଲା ମୁଖ୍ୟାଳୟରେ ଟ୍ରାଫିକ୍ ବ୍ୟବସ୍ଥାର ସୁଧାର ଓ ପୋଲିସ ପେଟ୍ରୋଲିଂକୁ କଡାକଡି କରିବା ଦିଗରେ ଉଦ୍ୟମ କରିବେ ବୋଲି ଏସ୍‌ପି ସାହୁ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ପ୍ରକାଶଥାଉକି, ଏଠାରେ ପୂର୍ବରୁ କାର୍ଯ୍ୟରତ ଯୁବ ଆଇପିଏସ୍ ଅଫିସର ଯଶପ୍ରତାପ୍ ଶ୍ରୀମାଲ୍‌ଙ୍କ ଯାଜପୁର ଏସ୍‌ପି ଭାବେ ବଦଳି ହୋଇଛି। ନୂତନ ଏସ୍‌ପି କାର୍ଯ୍ୟରେ ଯୋଗଦେବା ପରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବୀରେନ୍ଦ୍ର କୁମାର ନାୟକ, ଡିଏସ୍‌ପି ପ୍ରତାପ ରଣା, ସୋନପୁର ଏସ୍‌ଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ବୀରମହାରାଜପୁର ଏସ୍‌ଡିପିଓ ବାସୁଦେବ ଛତ୍ରିଆ, ଡିଏସ୍‌ପି ଡିଆଇବି ବୈକୁଣ୍ଠ ବିହାରୀ ସେଠ୍, ସମସ୍ତ ଥାନାର ଆଇଆଇସି ଓ ଜିଲା ପୋଲିସ ମୁଖ୍ୟାଳୟର କର୍ମଚାରୀ ତାଙ୍କୁ ସକ୍ଷାତ କରିବା ସହ ସ୍ୱାଗତ କରିଥିଲେ।

### ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କୁ ଆକ୍ରମଣ ଅଭିଯୋଗ

ବଘିଆପଡା,୧।୧୦(ଶ୍ରୀକାନ୍ତ ସାହୁ)

ବୌଦ୍ଧ ଜିଲା ବଘିଆପଡା ଫାଣ୍ଡି ଅନ୍ତର୍ଗତ ବିଜାପଦର ଗ୍ରାମରେ ମଙ୍ଗଳବାର ଦିନ ଅଙ୍ଗନବାଡି କର୍ମୀ ଓ ସହାୟିକାଙ୍କୁ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ମୁତାବକ, ବିଜାପଦର ଗ୍ରାମର ଛୋଟ ପିଲାମାନେ ଅଙ୍ଗନବାଡି କେନ୍ଦ୍ରକୁ ପାଠ ପଢିବାକୁ ଯାଇଥିଲେ। ଛୁଟି ହେବା ପରେ ଅଙ୍ଗନବାଡି କେନ୍ଦ୍ର ସହାୟିକା ଗ୍ରାମର ଜଣେ ଅଭିଭାବକଙ୍କ ଘରକୁ ପିଲାକୁ ଛାଡିବାକୁ ଯାଇଥିଲେ। ବିଳମ୍ବ ନେଇ ଅଭିଭାବକ ଜଣକ ଅଙ୍ଗନବାଡି ସହାୟିକାଙ୍କୁ ପାଟିତୁଣ୍ଡ କରିଥିଲେ। ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଖବରପାଇ ଅଙ୍ଗନୱାଡି କର୍ମୀ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ। କିନ୍ତୁ ଅଭିଭାବକ ଓ ତାଙ୍କ ପରିବାର ଲୋକେ ଦୁହିଁଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମାଡ ମାରିଥିଲେ। ଏନେଇ ଅଙ୍ଗନୱାଡି କର୍ମୀ ଓ ସହାୟିକା ବୌଦ୍ଧ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ବୌଦ୍ଧ ଥାନା(ନଂ ୩୫୩/୨୪)ରେ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିବା ଥାନା ଅଧିକାରୀ ରଞ୍ଜିତ କୁମାର ମୁନୀ ସୂଚନା ଦେଇଛନ୍ତି।

# ବରିଷ୍ଠ ବୁଣାକାରଙ୍କୁ ଏକକାଳୀନ ମିଳିବ ଭତ୍ତା

ସୋନପୁର,୧।୧୦(ମୃତ୍ୟୁଞ୍ଜୟ ଶତପଥୀ)

ରାଜ୍ୟର ବରିଷ୍ଠ ବୁଣାକାରଙ୍କୁ ଏକକାଳୀନ ୬ମାସର ଭତ୍ତା ୧୨ହଜାର ଟଙ୍କା ଲେଖାଏ ମିଳିବ। ଏପ୍ରିଲରୁ ଏହି ଭତ୍ତା ମିଳି ନ ଥିଲା। ସାମାଜିକ ସୁରକ୍ଷା ଦୃଷ୍ଟିରୁ ୬୦ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ବୁଣାକାରଙ୍କୁ ରାଜ୍ୟ ସରକାର ପୂର୍ବରୁ ବରିଷ୍ଠ ବୁଣାକାର ସହାୟତା ଯୋଜନାରେ ମାସିକ ୭୦୦ଟଙ୍କା ଭତ୍ତା ପ୍ରଦାନ କରୁଥିଲେ। ଓଡ଼ିଶା ବୁଣାକାର ମହାସଂଘ ଓ ବୁଣାକାରଙ୍କ ଦାବି ପରେ ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା(ଏମ୍‌ବିବିକେଏସଓ୍ୱାଇ) ଆରମ୍ଭ ହେଲା। ଏପରିକି ଫେବୃୟାରୀ ଓ ମାର୍ଚ୍ଚରେ ସରକାର ମାସିକ ୨୦୦୦ ଟଙ୍କା ଲେଖାଏ ଭତ୍ତା ପ୍ରଦାନ କରିଥିଲେ। ଏହି ଯୋଜନାରେ ସୁବର୍ଣ୍ଣପୁର ଜିଲାର ୧୬ଜଣ ବରିଷ୍ଠ ବୁଣାକର ଭତ୍ତା ପାଉଥିଲେ। ତେବେ ଏହି ଯୋଜନାରେ ଅର୍ଥର ବ୍ୟବସ୍ଥା ନ ଥିବାରୁ ପରେ ଭତ୍ତା ପ୍ରଦାନ ସମ୍ପୂର୍ଣ୍ଣ ବନ୍ଦ ଥିଲା। ବୁଣାକାରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ଯୋଜନାକୁ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ଓଡ଼ିଶା ବୁଣାକାର ମହାସଂଘ ପକ୍ଷରୁ ମୁଖମନ୍ତ୍ରୀ ମୋହନ ଚରଣ ମାଝୀ ଓ ବୟନ ଶିଳ୍ପ ପ୍ରଦୀପ ବଳ ସାମନ୍ତଙ୍କ ଉଦ୍ଦେଶ୍ୟରେ ବୟନ ଶିଳ୍ପ ନିର୍ଦ୍ଦେଶକ ଶୋଭାନ କୃଷ୍ଣ ସାହୁଙ୍କୁ ଗତ ୨୫ ତାରିଖରେ ସ୍ମାରକପତ୍ର ପ୍ରଦାନ କରା ଯାଇଥିଲା। ନୂତନ ସରକାର ଏହି ଦାବିକୁ ବିଚାର କରି ଏକକାଳୀନ ୬ମାସର ଭତ୍ତା ବରିଷ୍ଠ ନାଗରିକଙ୍କୁ ପ୍ରଦାନ ପାଇଁ ପଦକ୍ଷେପ ନେଇଛନ୍ତି। ମଙ୍ଗଳବାର ଏସମ୍ପର୍କିତ ସରକାରଙ୍କ ନିର୍ଦ୍ଦେଶନାମା ପହଞ୍ଚିଥିବା ସୁବର୍ଣ୍ଣପୁର ବୟନ ଶିଳ୍ପ ଉପନିର୍ଦ୍ଦେଶକ ବିନାୟକ ପୃଷ୍ଟି କହିଛନ୍ତି। ସରକାର ୬ମାସର ଭତ୍ତା ଏକକାଳୀନ ବରିଷ୍ଠ ବୁଣାକାରଙ୍କ ବ୍ୟାଙ୍କ ଖାତାକୁ ପଠାଇବାକୁ ବ୍ୟବସ୍ଥା କରିଥିବାରୁ ମୁଖ୍ୟମନ୍ତ୍ରୀ, ବୟନ ଶିଳ୍ପ ମନ୍ତ୍ରୀ, ଓଡିଶା ବୁଣାକାର ମହାସଂଘର ଉପଦେଷ୍ଟା ତଥା ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟଙ୍କୁ ବୁଣାକାର ମହାସଂଘର ସଭାପତି ଶ୍ରୀଧର ବେହେର, ଉପସଭାପତି ଶ୍ରୀକାନ୍ତ ନାୟକ, ସାଧାରଣ ସମ୍ପାଦକ ବିଜୟ ମେହେର, ସଂଗଠନ ସମ୍ପାଦକ ବିଜୟ କୁଣ୍ଡୁ ଓ ସଂଘର କର୍ମକର୍ତ୍ତା ବିଶ୍ୱାନାଥ ଦାସ, ସହଦେବ ମେହେର, ଶ୍ୟାମ ମେହେର, ସଞ୍ଜୟ କର, ଗୋବିନ୍ଦ ଦାସ ପ୍ରମୁଖ କୃତଜ୍ଞତା ଜଣାଇଛନ୍ତି।

# ୪୦ କେନ୍ଦୁଗଛ ଗଣ୍ଡି ଜବତ



ଜବତ କାଠଗଣ୍ଡି।

ଖୁଣ୍ଟିଗୋରା,୧।୧୦(ମକରନ୍ଦ ସାହୁ)

ବୌଦ୍ଧ ଜିଲାର କଣ୍ଟାମାଳ ବ୍ଲକ ଅଞ୍ଚଳରେ ବିପୁଳ ସଂଖ୍ୟାରେ ମୂଲ୍ୟବାନ କେନ୍ଦୁଗଛ ଦେଖିବାକୁ ମିଳିଥାଏ। ହେଲେ କାଠମାଫିଆଙ୍କ ଲୋଲୁପ ଦୃଷ୍ଟି ଏହି ମୂଲ୍ୟବାନ ଗଛ ଉପରେ ପଡି ସାରିଥିବାରୁ ଏହା କ୍ରମଶଃ ଲୋପ ପାଇବାକୁ ବସିଲାଣି। ବୌଦ୍ଧ ଡିଏଫଓଙ୍କ ନିର୍ଦ୍ଦେଶ ଅନୁସାରେ କଣ୍ଟାମାଳ ବନ ବିଭାଗ ପକ୍ଷରୁ ସୋମବାର ଉମା ବିଟର କଟେରମାଳ ଗାଁ ନିକଟରେ ଚଢାଉ କରାଯାଇ ବିପୁଳ ପରିମାଣର କେନ୍ଦୁ କାଠ ଗଣ୍ଡି ଜବତ ହେବା ଘଟଣାରୁ ଏହା ସ୍ପଷ୍ଟ ହେଉଛି। ତେବେ କାଠଗଣ୍ଡି ଲୁଟ ପ୍ରକ୍ରିୟାରେ ସ୍ଥାନୀୟ ବନ ବିଭାଗର କେତେକ ଅସାଧୁ କର୍ମଚାରୀଙ୍କ ସହଯୋଗ ରହିଥିବା ଚର୍ଚ୍ଚା ହେଉଛି। କଣ୍ଟାମାଳ ରେଞ୍ଜରଙ୍କ ନେତୃତ୍ୱରେ ଏକ ଟିମ୍ କଟେରମାଳ ଗାଁ ନିକଟରେ ଚଢ଼ାଉ କରିଥିଲେ। ପ୍ରାୟ ୪୦ଗୋଟି କେନ୍ଦୁ କାଠଗଣ୍ଡି ଚୋରା ଚାଲାଣ ପାଇଁ ରଖାଯାଇଥିବା ବେଳେ ଏହାକୁ ଜବତ କରାଯାଇଛି। ଦୀର୍ଘ ବର୍ଷ ହେଲା ଏହି ଅଞ୍ଚଳରେ କେନ୍ଦୁ ଗଛ ସହ ଅନ୍ୟାନ୍ୟ ମୂଲ୍ୟବାନ ଗଛ କଟାଯାଇ ଗଣ୍ଡି ଚାଲାଣ ହେଉଛି। କିନ୍ତୁ ବନବିଭାଗ କିପରି ଜାଣି ପାରୁନି ଏହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଜବତ କାଠର ମୂଲ୍ୟ ୮ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। ବନବିଭାଗ ପକ୍ଷରୁ ତଦନ୍ତ ଚାଲିଛି।

**ଜଙ୍ଗଲ ବିଭାଗର ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ**

# ବୌଦ୍ଧରେ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ



ଆନ୍ତର୍ଜାତିକ ନାଗରିକ ଦିବସ ପାଳନ ଅବସରରେ ଯୋଗ ଦେଇଥିବା ଅତିଥିବୃନ୍ଦ।

ବୌଦ୍ଧ,୧।୧୦(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ପ୍ରଶାସନ ଓ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମିଳିତ ଆନୁକୂଲ୍ୟରେ ଟାଉନହଲଠାରେ ଆର୍ନ୍ତଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଛି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରାଜିନ୍ଦ୍ର କିଶାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ଯୋଗ ଦେଇଥିଲେ। ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଚାର୍ଲସ ନାୟକ, ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଜୟକୃଷ୍ଣ ମିଶ୍ର, ବରିଷ୍ଠ ନାଗରିକ ମଞ୍ଚର ସଭାପତି ଶିବ ପ୍ରସାଦ ମିଶ୍ର ଯୋଗ ଦେଇଥିଲେ। ବରିଷ୍ଠ ନାଗରିକ ମଞ୍ଚର ଉନ୍ନତି ଓ ପରିଚାଳନା ପାଇଁ ୫୦ ହଜାର ଟଙ୍କା ରାଶି ପ୍ରଦାନ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ୨୬ ଜଣ ବରିଷ୍ଠ ନାଗରିକଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଦୁର୍ଯ୍ୟୋଧନ ବିଶି ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଦିବସରେ ଜିଲା ପ୍ରଶାସନର ଉଚ୍ଚ ଅଧିକାରୀ ସଭାରେ ଅନୁପସ୍ଥିତ ଥିବାରୁ ବରିଷ୍ଠ ନାଗରିକମାନଙ୍କୁ ପ୍ରଶାସନର ଅସମ୍ମାନ ବୋଲି ବରିଷ୍ଠ ନାଗରିକ ମଞ୍ଚର ଉପସଭାପତି ପ୍ରଭାତ କୁମାର ସାହୁ କ୍ଷୋଭର ସହ ପ୍ରକାଶ କରିଛନ୍ତି।

## ପ୍ରଧାନ ଶିକ୍ଷକଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା

ଅମରପାଲି,୧।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ସ୍ଥିତ ଇନ୍ଦିରାଗାନ୍ଧୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ଅଖୋଜ କୁମାର ପ୍ରଧାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବରିଷ୍ଠ ଶିକ୍ଷକ ସନ୍ତୋଷ କୁମାର ରଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଭୂଷଣ କୁମାର ପାତ୍ର ମୁଖ୍ୟଅତିଥି ଏବଂ ସ୍ଥାନୀୟ ସରପଞ୍ଚ ଜୟଶ୍ରୀ ଦେହୁରୀ ଓ ସ୍ୱେଚ୍ଛାସେବୀ ରତ୍ନାକର ପଧାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଅବସର ଗ୍ରହଣ କରୁଥିବା ପ୍ରଧାନ ଶିକ୍ଷକ ଆଖୋଜ ପ୍ରଧାନଙ୍କୁ ସ୍ମୃତି ଫଳକ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ଅନନ୍ତ ଚରଣ ପ୍ରଧାନ,ଉଜ୍ଜ୍ୱଳ ଚନ୍ଦ୍ର ପ୍ରଧାନ,ନାରାୟଣ ରଥ, ବ୍ରଜଗୋପାଳ ମହାପାତ୍ର ପ୍ରମୁଖ ପ୍ରଧାନଙ୍କ କାର୍ଯ୍ୟପ୍ରଣାଳି ଓ ପରିଚାଳନାକୁ ପ୍ରଶଂସା କରିଥିଲେ। ଉପସ୍ଥିତ ଛାତ୍ରୀଛାତ୍ର ଓ ପୁରାତନ ଛାତ୍ରମାନେ ତାଙ୍କର ପାଠପଢ଼ା ପ୍ରଣାଳୀକୁ ପ୍ରଶଂସା କରିଥିଲେ। ଶିକ୍ଷକ ରଣଜିତ ମିଶ୍ର ଅତିଥି ପରିଚୟ ପ୍ରଦାନ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସର ରେ ଲୁଡୁରପଙ୍କ ହାଇସ୍କୁଲ ସମେତ ଅମରପାଲି, କେନଝିରିଆପାଲି, ଜଟେସିଂହା, ସୁବଳୟା, ସଂଗ୍ରମପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ, ସ୍କୁଲର ସମସ୍ତ ପୁରାତନ ଓ ବର୍ତ୍ତମାନର ଛାତ୍ରୀଛାତ୍ର, ପରିଚାଳନା କମିଟିର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ଗୋବିନ୍ଦପୁରରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ଅମରପାଲି,୧।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଗୋବିନ୍ଦପୁର ଗ୍ରାମରେ ନେହେରୁ ଯୁବକେନ୍ଦ୍ର ଆନୁକୂଲ୍ୟରେ ସ୍ଥାନୀୟ ସତ୍ୟସେବକ ଯୁବକ ସଂଘ ସହଯୋଗରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ବିଭୂତି ଭୂଷଣ କୁଦାଇଙ୍କ ନେତୃତ୍ୱରେ ହେଇଥିବା ଏହି ସଫେଇ ତଥା ସଚେତନ କାମରେ ଅତିଥିଭାବେ ଗ୍ରାମର ପୂର୍ବତନ ୱାର୍ଡ ମେମ୍ବର ଶରତ ବିଶ୍ୱାଳ, ସଂଘର ସଭାପତି ଆଶିଷ ସାହୁ, ସମ୍ପାଦକ ସଚ୍ଚିଦାନନ୍ଦ ସାହୁ ଯୋଗଦେଇଥିଲେ। ସୁମନ୍ତ ସେଠି,ସିଥୁନ ସାହୁ, ଅନ୍ତର୍ଯ୍ୟାମୀ ନାଏକ,ବସନ୍ତ କୁଦାଇ, ମାନସ ସାହୁ, ନବୀନ ପଧାନ,ଆକାଶ ନାଏକ, ଶ୍ରୀକାନ୍ତ ନାଏକ, ଶ୍ରୀନିବାସ ବିଶି, ପ୍ରଶାନ୍ତ ନାଏକ, ରୋଶନ ନାଏକ, କନ୍ଦର୍ପ ଛତ୍ରିଆ, ଆଶିଷ ସାହୁ, ବିଶ୍ୱଜିତ ଝାଙ୍କର ସହ ସଂଘର ସମସ୍ତ ସଭ୍ୟ ସହଯୋଗରେ ହେଇଥିବା ଏହି କାର୍ଯ୍ୟକ୍ରମରେ ଗ୍ରାମର ଅଙ୍ଗନୱାଡି କେନ୍ଦ୍ର ପରିସର,ବିଦ୍ୟାଳୟ ପରିସର, କ୍ଲବ, ପଞ୍ଚାଇଦେବି ପରିସର ସଫା କରିବା ସହ ସ୍ୱଚ୍ଛତା ପାଇଁ ଶପଥ ପାଠ କରାଯାଇଥିଲା। ଶେଷରେ ପପୁଲ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ଆନ୍ତର୍ଜାତିକ ବୟୋଜ୍ୟେଷ୍ଠ ଦିବସ ପାଳିତ



ବରିଷ୍ଠ ନାଗରିକ ଦିବସ ରେ ଅତିଥିମାନେ।

ଅମରପାଲି,୧।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସ୍ଥିତ ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟରେ ଆନ୍ତର୍ଜାତିକ ବୟୋଜ୍ୟେଷ୍ଠ ଦିବସ ପାଳିତ ହୋଇଯାଇଛି। ଗୋପୀନାଥ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୋଲକ ବିହାରୀ ଦେହୁରୀ ମୁଖ୍ୟ ବକ୍ତାଭାବେ ଯୋଗଦେଇ ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ କିଭଳି ସୁଖରେ ରହିବେ ସେନେଇ ଆଲୋକପାତ କରିଥିଲେ। ଦୟାନିଧି ହୋତା ସମ୍ମାନିତ ଅତିଥିଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଭୂଷଣ କୁମାର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଦିଲୀପ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ୟାମ ସୁନ୍ଦର ଡାଗଙ୍କୁ ସମ୍ମାନିତ କରାଯାଇଥିଲା। ବରିଷ୍ଠ ନାଗରିକ ସଂଘର ବାସୁଦେବ ପଣ୍ଡା, ସୁରୁ ସାହୁ, ବଳରାମ କାଣ୍ଡ, ଚମରା ମହାକୁର ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଶେଷରେ ଜ୍ଞାନେନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିଶୁ ମହୋତ୍ସବ ସୁରଭି

ଟିଟିଲାଗଡ଼,୧।୧୦(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ବ୍ଲକ ଅଧୀନସ୍ଥ ବିଜେପୁର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଗୋପାଳ ସିଂ ସୁନାଙ୍କ ଆହ୍ୱାନକ୍ରମେ ସ୍ଥାନୀୟ ଚୋରମରା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଜେପୁର ଆଞ୍ଚଳିକ ସାଧନ କେନ୍ଦ୍ର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଟିଟିଲାଗଡ଼ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିରାମ ମାଝୀ ମୁଖ୍ୟଅତିଥି ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୋଦଣ୍ଡ ଭୋଇ, ଚୋରମରା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଜେପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ଥିଲେ।

# ୧ କୁଇଣ୍ଟାଲ ଗଞ୍ଜେଇ ଜବତ: ୫ ଅଭିଯୁକ୍ତ କୋର୍ଟ ଚାଲାଣ



ବାଉଁଶୁଣୀ,୧।୧୦(ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀ ପୋଲିସ ତାଳପଡା ଗ୍ରାମ ନିକଟରେ ଚଢାଉ କରି ୧ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୫ ଅଭିଯୁକ୍ତଙ୍କୁ ମଙ୍ଗଳବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, କେତେଜଣ ବ୍ୟକ୍ତି ମୁଣ୍ଡରେ ଗଞ୍ଜେଇ ବସ୍ତା ଧରି ଯାଉଥିବା ବେଳେ ଏହା ଚୋରା ଚାଲାଣ ହେବାକୁ ଥିବା ଖବର ପାଇ ପୋଲିସ ତାଳପଡା ଗ୍ରାମ ନିକଟରେ ଚଢାଉ କରିଥିଲା। ଚଢାଉ ବେଳେ ଗଞ୍ଜେଇ ସହ ଗଜରାଜପୁର ଗ୍ରାମର ହିତେଶ ଜାନି ଓ ଯୁଗଳ ସାଣ୍ଟ, ବହିରା ଗ୍ରାମର ପରଦେଶୀ ରଣା ଓ ବାସୁଦେବ ରଣା ଓ ଟାଇଞ୍ଜନ ଗ୍ରାମର ହିମାଂଶୁ ଶେଖର ଭୋଇଙ୍କୁ ଗିରଫ କରିଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଓଜନ କରାଯିବାରୁ ଜବତ ଗଞ୍ଜେଇ ୧ କୁଇଣ୍ଟାଲ ହୋଇଥିଲା। ଏ ସଂକ୍ରାନ୍ତରେ ବାଉଁଶୁଣୀ ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଅଞ୍ଜଳୀ ବିଶ୍ୱାଳ ସୂଚନା ଦେଇଛନ୍ତି।

# ଓଡ଼ିଆ ଫିଲ୍ମ ଟିମ୍‌କୁ ମାଓବାଦୀ ଭୟ

ବଲାଙ୍ଗୀର/ଖପ୍ରାଖୋଲ, ୧।୧୦
(ବୀରେନ୍ଦ୍ର କୁମାର ଝାଙ୍କର/ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲାର ଗନ୍ଧମାର୍ଦ୍ଦନ ପାହାଡ ପାଦ ଦେଶରେ ସୁଟିଂ ଚାଲିଥିବା ଓଡିଆ ଫିଲ୍ମ ଟିମ୍‌କୁ ଘାରିଛି ମାଓବାଦୀ ଭୟ। ତେବେ ବଲାଙ୍ଗୀର ପୋଲିସ ଏହାକୁ ଖଣ୍ଡନ କରିଛି। ଗନ୍ଧମାର୍ଦ୍ଦନ ପାଦଦେଶ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ହରିଶଙ୍କରଠାରେ ରବିବାର କୁମାର ଫିଲ୍ମ ପ୍ରାୟୋଜିତ ଓଡିଆ ଫିଲ୍ମ 'ରାଣ୍ଡି ପୁଅ ଅନନ୍ତା'ର ଶୁଭ ମହୁରତ ଏବଂ ସୁଟିଂ ଆରମ୍ଭ ହୋଇଥିଲା। ଦୁଇଦିନ ସୁଟିଂ ଚାଲିବା ପରେ ମଙ୍ଗଳବାର ଏହି ଫିଲ୍ମ ଟିମ୍‌କୁ ମାଓବାଦୀଙ୍କ ଭୟ ଘାରିଥିବା ଖବର ପ୍ରଚାରିତ ହୋଇଥିଲା। ଗନ୍ଧମାର୍ଦ୍ଦନ ପାହାଡ ମାଓବାଦୀ ଅଧ୍ୟୁଷିତ ବୋଲି ଚିହ୍ନଟ ହୋଇଥିବାରୁ ଏଭଳି ଆଶଙ୍କା ପ୍ରକାଶ ପାଇଥିବା ଚର୍ଚ୍ଚାର ବିଷୟ ହୋଇଥିଲା। ଏହି ଫିଲ୍ମର ପିଆର ଏଣ୍ଡ ମାର୍କେଟିଂ ସ୍ଥିତ ପଟ୍ଟନାୟକ ମଧ ମାଓବାଦୀ ଭୟ ଆଶଙ୍କା ପ୍ରକାଶ କରିବା ପରେ ଗଣମାଧ୍ୟମରେ ଏହା ଚର୍ଚ୍ଚାର ବିଷୟ ହୋଇଥିଲା। ତେବେ ଏନେଇ ପାଟଣାଗଡ ଏସ୍‌ଡିପିଓ ସଦାନନ୍ଦ ପୂଜାରୀଙ୍କୁ ପଚରାଯିବାରୁ ପୂର୍ବରୁ ଏହି ଅଞ୍ଚଳ ମାଓବାଦୀ ଅଧ୍ୟୁଷିତ ଥିଲା। ଏବେ ଆମ ପାଖରେ କୌଣସି ସୂଚନା ନାହିଁ। ତେବେ ଯେଉଁ ଅଞ୍ଚଳରେ ପୋଲିସ ସୁରକ୍ଷା କର୍ମୀ ରହିଛନ୍ତି ସେଇ ସ୍ଥାନରେ ଫିଲ୍ମ ସୁଟିଂ କରିପାରିବେ ବୋଲି ସେ କହିଛନ୍ତି।

# ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ

ବୌଦ୍ଧ,୧।୧୦(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ହରଭଙ୍ଗା ପ୍ରାଣୀ ଚିକିତ୍ସାଳୟ ପରିସରରେ ମଙ୍ଗଳବାର ଗ୍ରୀନ ଗୋଲ ବୌଦ୍ଧ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଗ୍ରୀନ ଗୋଲ କର୍ମକର୍ତ୍ତା ନରେଶ ଚନ୍ଦ୍ର ଆଚାର୍ଯ୍ୟ, ସଞ୍ଜୟ କୁମାର ପ୍ରଧାନ, ଶ୍ରବଣ ରଣା, ଜିତେନ ମହାନ୍ତି, ଅକ୍ଷୟ ମନହିରା ଓ ପ୍ରହ୍ଲାଦ ଜେନା ଯୋଗ ଦେଇଥିଲେ। ଡା, ବିରେନ୍ଦ୍ର କୁମାର ପୃଷ୍ଟି, ଡା. ବିଭୁତି ପଣ୍ଡା, ପ୍ରାଣୀ ସହାୟକ ଅକ୍ଷୟ କୁମାର ସାହୁ ସାମିଲ ହୋଇ ୯୦ ଗୋଟି ଔଷଧୀୟ ବୃକ୍ଷ ଜାମୁ, ପିଜୁଳି, ନିମ୍ବ, କରଞ୍ଜ ଆଦି ରୋପଣ କରିଥିଲେ। ଅତିଥି ଭାବେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେନ୍ଦ୍ର କୁମାର ମିଶ୍ର, ଜଗନ୍ନାଥ ସଂସ୍କୃତି ପ୍ରବଚକ ଚନ୍ଦ୍ରକାନ୍ତ ନାୟକ ଯୋଗ ଦେଇଥିଲେ। ଆଗକୁ ବହୁ ସଂଖ୍ୟାରେ ବୃକ୍ଷରୋପଣ କରାଯିବାକୁ ଅତିଥିମାନେ କହିଥିଲେ।





ବୃକ୍ଷ ରୋପଣ କାର୍ଯ୍ୟକ୍ରମ।

# ବରିଷ୍ଠଙ୍କ ବୁଦ୍ଧିମତ୍ତା, ଅଭିଜ୍ଞତାକୁ ସମ୍ମାନ ଦିଅ

ସୋନପୁର,୧।୧୦(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତଥା ଜିଲା ଆଇନ ସେବା ପ୍ରାଧୀକରଣ ପକ୍ଷରୁ ଜିଲାସ୍ତରୀୟ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ସୁବର୍ଣ୍ଣପୁର ଟାଉନ ହଲଠାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଇଥିଲା। ଦିବସ ପାଳନ ଅବସରରେ ବରିଷ୍ଠ ନାଗରିକଙ୍କ ପାଇଁ ଯୋଗ ଶିବିର, ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ବରିଷ୍ଠ ନାଗରିକ ଆମର ପଥ ପ୍ରଦର୍ଶକ। ସେମାନଙ୍କ ବୁଦ୍ଧିମତା ଓ ଅଭିଜ୍ଞତାକୁ ସମ୍ମାନ କରିବା ପାଇଁ ବିଧାୟକ ପରାମର୍ଶ ଦେଇଥିଲେ। ଜିଲା ଆଇନସେବା ପ୍ରାଧୀକରଣ ସଚିବ କୁମୁଦିନୀ ମୁଦୁଲି, ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ରମେଶ ଚନ୍ଦ୍ର ସାଇଁ, ସୋନପୁର ଉପ ଜିଲାପାଳ ଡ. ସୌମ୍ୟାରୁପା ରଥ, ସାଇବର ଥାନା ପୋଲିସ ନିରୀକ୍ଷକ ଭାରତୀ ନାଏକ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଜିଲାର ବରିଷ୍ଠ ନାଗରିକ ସଂଘର କର୍ମକର୍ତ୍ତା ଓ ସଭ୍ୟାସଭ୍ୟ ଏବଂ ବରିଷ୍ଠ ନାଗରିକମାନେ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ବିଧାୟକ ଜଗଦଲା ସମାଜ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ବରିଷ୍ଠ ନାଗରିକ ଗୋରେଖ ନାଥ ସାହୁ, କୋକିଳ କୃଷ୍ଣ ଚନ୍ଦ୍ର ପାତ୍ର, ପଦ୍ମନାଭ ପ୍ରଧାନ ଓ ରବିଚନ୍ଦ୍ର ବେହେରାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର କର୍ଣ୍ଣ ସଭା ସଂଯୋଜନା କରିଥିଲେ।



ଦିବସ ପାଳନ ଅବସରରେ ଅତିଥିମାନେ।

## ସଂକ୍ଷେପରେ

### ବ୍ଲକସ୍ତରୀୟ କୁଇଜ ପ୍ରତିଯୋଗିତା



ହେମଗିର,୧।୧୦( ଚୈତନ୍ୟ ପଟେଲ): ସୁନ୍ଦରଗଡ ଜିଲା ହେମଗିର ବ୍ଲକ ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ (ଆରଏଏ) ତରଫରୁ ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ତୃତୀୟରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଶିକ୍ଷକ ସଂଘ ସଭାପତି ରାମଲାଲ ପଟେଲଙ୍କ ଅଧ୍ୟକ୍ଷତାରେ ଏକ ସଭା ହୋଇଥଲା। ଏଥିରେ ଜିଲା ପରିଷଦ ସଦସ୍ୟା ମହିମା ସେଠ ମୁଖ୍ୟ ଅତିଥି, ବିଇଓ କରୁଣାସାଗର ପଟେଲ, ଏବିଇଓ କିଶୋର କୁମାର ଅର୍କ, ଏବିଇଓ କପିଳ ଚନ୍ଦ୍ର ଦାସ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ହେମଗିର ବ୍ଲକର ସିଆରସିସି ଓ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁଶ୍ରୀ ସଙ୍ଗୀତା ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପୋଷଣଯୁକ୍ତ, ସନ୍ତୁଳିତ ଖାଦ୍ୟକୁ ଗୁରୁତ୍ୱ

ସୁନ୍ଦରଗଡ,୧।୧୦(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲାସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ ପାଳନ କାର୍ଯ୍ୟକ୍ରମ ଜିଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ସ୍ଥାନୀୟ ବିକାଶ ଭାବନଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମନୋଜ ମହାଜନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଙ୍ଗନୱାଡି କର୍ମୀଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ସହ ପୋଷଣଯୁକ୍ତ ଓ ସନ୍ତୁଳିତ ଖାଦ୍ୟର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ସୁନ୍ଦରଗଡ଼ ପୌରପାଳିକା ଅଧ୍ୟକ୍ଷା ତନୟା ମିଶ୍ର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଶିଶୁ ଓ ମହିଳାଙ୍କ ଯତ୍ନ ଏବଂ ପୋଷକ ତତ୍ତ୍ୱ ଖାଦ୍ୟ ଖାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରୀ କ୍ରୀଷ୍ଟା କୁମାରୀ ନନ୍ଦ ପୋଷଣ ମାସ ପାଳନ ର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ, ଜିଲା



ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

**ଜିଲାସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ କାର୍ଯ୍ୟକ୍ରମ**

ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲାପାଳ ଦାଶରଥି ସରାବୁ, ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡ. ବୃଜବତୀ ସାହୁ, ଜିଲା ମୁଖ୍ୟ କୃଷି ଅଧିକାରୀ ହଧ ନାୟକ, ଜିଲା ଶିକ୍ଷାଧିକାରୀ ଅମୂଲ୍ୟ ପ୍ରଧାନ, ଜିଲା ସୂଚନା ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ଅଭିଭାଷଣରେ ଶିଶୁ, ଗର୍ଭବତୀ, ପ୍ରସୂତି ଓ କିଶୋରୀଙ୍କ ଖାଦ୍ୟରେ ସନ୍ତୁଳିତ, ମିଲେଟ ପ୍ରସ୍ତୁତ ଖାଦ୍ୟ, ସବୁଜ ପନିପରିବା ବହୁ ପରିମାଣରେ ସାମିଲ କରିବା ଲାଗି କହିଥିଲେ। ପ୍ରୋଗ୍ରାମ ଅଫିସର ସୁଶୀଳା ରଥ କାର୍ଯକ୍ରମ ପରିଚାଳନା ଏବଂ ଜିଲା ପ୍ରୋଗ୍ରାମ ଅଫିସର ତୁଳେଶରୀ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଦିବସରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ମୁଖ୍ୟ ସେବିକା, ବ୍ଲକ ସଂଯୋଜକ ପୋଷଣ, ଅଙ୍ଗନୱାଡି କର୍ମୀ, କିଶୋରୀ କିଶୋର, ଜିଲା ସଂଯୋଜକ ଗୁଣସାଗର ପ୍ରଧାନ, ସହ ସଂଯୋଜକ ସୁନିତା ପଟେଲ, ସମସ୍ତ ପ୍ରୋଗ୍ରାମ ଅଫିସର ଏବଂ ଜିଲାସ୍ତରୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ଜିଲାସ୍ତରୀୟ ରକ୍ତହୀନତା ସଚେତନତା ଶିବିର ଆୟୋଜନ କରାଯାଇଥିଲା। ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାଇକେଲ ରାଲି ଏବଂ ଏସ୍‌ଏଚ୍‌ଜି ମହିଳାମାନଙ୍କ ଦ୍ୱାରା ପଦଯାତ୍ରା ଅନୁଷ୍ଠିତ ହୋଇ ପୋଷଣର ଗୁରୁତ୍ୱ ସମ୍ପର୍କରେ ଜନସଚେତନତା ସୃଷ୍ଟି କରଯାଇଥିଲା। ସେହିପରି କିଶୋରୀ କିଶୋରମାନଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ବିତର୍କ ପ୍ରତିଯୋଗିତା ହୋଇଥିଲା। ଏହି ଅବସରରେ ବିତର୍କ, ରଙ୍ଗୋଲି, ଖାଦ୍ୟ ପ୍ରଦର୍ଶନୀ ପ୍ରତିଯୋଗିତା ହୋଇ କୃତି ପ୍ରତିଯୋଗୀମାନକୁ ପୁରସ୍କୃତ କରଯାଇଥିଲା। କାର୍ଯ୍ୟକ୍ରମରେ କିଶୋରୀ ବାଳିକା, ଅଙ୍ଗନୱାଡି କର୍ମୀ ଏବଂ ପ୍ରାକ୍ ବିଦ୍ୟାଳୟ ଶିଶୁମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ସେହିପରି ଏସ୍‌ଏଚ୍‌ଜି ଦ୍ୱାରା ଶ୍ରୀଅନ୍ନ, ମିଲେଟ ପ୍ରସ୍ତୁତ ଖାଦ୍ୟ ପ୍ରଦର୍ଶନ କରାଯାଇଥିଲା।

# କିଞ୍ଜିରକେଲା ୟୁପିଏସ୍ ପ୍ରଥମ



ପ୍ରତିଯୋଗୀ ଛାତ୍ରୀଛାତ୍ରଙ୍କ ସହିତ ଶିକ୍ଷୟିତ୍ରୀ ଶିକ୍ଷକ।

ବଡ଼ଗାଁ, ୧।୧୦(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ତୁଡାଲଗା କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଏବିଇଓ ଚତୁର୍ଭୁଜ ରଉଡିଆ, ପ୍ରଧାନ ଶିକ୍ଷୟିତ୍ରୀ ତରୁଲତା ପଟେଲ ଅତିଥି ଭାବେ ଯୋଗଦେଇ ଶିଶୁ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ମହୋତ୍ସବରେ ହୋଇଥିବା ପ୍ରତିଯୋଗିତାରୁ ସାଂସ୍କୃତିକ ପ୍ରତିଯୋଗିତାରେ କିଞ୍ଜିରକେଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଥମ ସ୍ଥାନ ଅଧିକାର କରିଥିଲା। ଜୁନିୟର ବର୍ଗ ଡ୍ରଇଂରେ ଦୀପାଳି ରାଉତରାୟ, କୁଇଜ୍‌ରେ ନିଖିଲ ଖଣ୍ଡା, ବକ୍ତୃତାରେ ଡଲି ପରୁଆ, ଗୀତରେ ମୌସୁମୀ ମାଝୀ, ସୃଜନ ଲିଖନ ଓ ହସ୍ତାକ୍ଷରରେ ଭାଗ୍ୟଶ୍ରୀ କିଷାନ ପ୍ରଥମ ସ୍ଥାନ ଅଧବକାର କରିଥିଲେ। ସିନିୟର ବର୍ଗ ଡ୍ରଇଂରେ ଜିତେନ୍ଦ୍ର ଲାକ୍ରା, ବିତର୍କରେ

**ତୁଡାଲଗା କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି**

ମମତା କୁଜୁର, କୁଇଜ ଓ ରଚନାରେ ଶ୍ରାବଣୀ ନାଏକ, ସୃଜନ ଲିଖନରେ ସ୍ନେହା ବାଡ଼ା, ବକ୍ତୃତାରେ ସିମନ ଲାକ୍ରା, ଗୀତରେ ଅର୍ଚ୍ଚିତା ଧରୁଆ, ଶିଳ୍ପକଳାରେ ଟିଙ୍କୁ ଲୁହୁରା, ଚିତ୍ରକଳାରେ ଜୟଶ୍ରୀ ରାଉତ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମରେ ଆଞ୍ଚଳିକ ସାଧନ ସ୍ତରୀୟ ୮ଟି ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇ କାର୍ଯ୍ୟ ପରିଚାଳନା କରିଥିଲେ। ସିଆରସିସି ଚତୁର୍ଭୁଜ ରଉଡିଆଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଶିକ୍ଷକ ଦୁର୍ଗା ମାଧବ ବେହେରା ମଞ୍ଚ ପରିଚାଳନା ଏବଂ ଶିକ୍ଷୟିତ୍ରୀ ନମିତା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ଏନ୍‌ଏସ୍‌ଏସ୍ ପକ୍ଷରୁ ଆଲୋଚନାଚକ୍ର, ଚାରାରୋପଣ

ସୁନ୍ଦରଗଡ,୧।୧୦ (ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ଓ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ତରଫରୁ ମଙ୍ଗଳବାର ଏକ ଆଲୋଚନାଚକ୍ର ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷା ଡକ୍ଟର ଇନ୍ଦିରା ଗଡନାୟକଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗର ସହକାରୀ ପ୍ରଧାପକ ସରୋଜ କୁମାର ପୂଜାରୀ ଯୋଗଦେଇ ଛାତ୍ରୀମାମାନେ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟ କିପରି କରିବେ ସେଥିପାଇଁ ପ୍ରୋତ୍ସାହିତ କରିଥିଲେ। ଅତିଥି ଅଧାପକ ବିପିନ ଚୌଧୁରୀ ଓ ଜାତୀୟ ହେବା ଯୋଜନାର ସଂଯୋଜିକା ଦୀପାଦ ହାସଦା ନିଜ ଅଭିଭାଷଣ ପ୍ରଦାନ କରିଥିଲେ। ସଂଯୋଜକ ମନୋଜ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀମାନେ ଅତିଥିମାନଙ୍କ ସହ ଚାରାରୋପଣ କରିଥିଲେ।

# ତଳିମୁଣ୍ଡାରେ କୃଷକ ସଚେତନତା କାର୍ଯ୍ୟକ୍ରମ



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳା ଚାଷୀ ଏବଂ ଅନ୍ୟମାନେ।

ସୁନ୍ଦରଗଡ,୧।୧୦(ଜୟ ନାରାୟଣ ମେଣ୍ଡୁଲି)

ବଡଗାଁ ବ୍ଲକର ବରଙ୍ଗାକଛାର ପଞ୍ଚାୟତ ଅନ୍ତର୍ଗତ ତଳିମୁଣ୍ଡା ଗାଁରେ ପାରଳାଖେମୁଣ୍ଡି କୃଷକ ଉତ୍ପାଦକ କମ୍ପାନୀ ପକ୍ଷରୁ ବାସନା ଓ ଅଣବାସନା ଧାନଚାଷ କରୁଥିବା ଚାଷୀମାନଙ୍କୁ ନେଇ ଏକ କୃଷି ସଚେତନତା ସଭା ଆୟୋଜନ କରାଯାଇଥିଲା। ଉକ୍ତ ସଭାରେ ବଡଗାଁ ବ୍ଲକ କୃଷି ଅଧିକାରୀ ରିତୁରଣୀ କାଲୋ, ବରଙ୍ଗାକଛାର କୃଷି ଓଭରସିଅର ଟିକେଶ୍ୱରୀ ଭୋଇ, ସ୍ଥାନୀୟ ସରପଞ୍ଚ ରାଜେଶ୍ୱରୀ କାଲୋ, ପୂର୍ବତନ ବ୍ଲକ ଅଧକ୍ଷ ପରମାନନ୍ଦ ବାଗ, ବାସନା ଓ ଅଣବାସନା ଧାନଚାଷର ଜିଲା ସଂଯୋଜକ ସନାତନ ସେଠୀ, ସକ୍ଷମ ସ୍ୱେଚ୍ଛାସେବୀ ସଙ୍ଗଠନରର ସଭାପତି ଉମେଶ ବାବୁ, ଉପ ସଭାପତି କଳାକୃଷ୍ଣ ଓରାମ, ଅଶୋକ ଦାସ, ବିନ୍ଦିଆ ତନ୍ତୀ, ଝରଣା ବେହେରା, ସୁନିତା ଆପଟଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ। ସଭା ଆରମ୍ଭରେ କଳାକୃଷ୍ଣ ଓରାମ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଜୈବିକ ପ୍ରଣାଳୀରେ ଏହି ଚାଷ କରିବା ଦ୍ୱାରା ଲାଭକ୍ଷତି ବିଷୟରେ ଅଶୋକ ଦାସ ମହିଳା ଚାଷୀମାନଙ୍କୁ ବୁଝାଇ କହିଥିଲେ । ରିତୁରାଣୀ କାଲୋ ଉପସ୍ଥିତ ରହି ଚାଷୀମାନଙ୍କୁ ଜୈବିକ ସାର ବଣ୍ଟନ କରିବା ସହିତ ଏହାର ପ୍ରୟୋଗ ବିଧି ବିଷୟରେ ବୁଝାଇଥିଲେ। ବଡ଼ଗାଁ ବ୍ଲକର ଆୟୋଜକ ପାର୍ଲାଖେମୁଣ୍ଡି କୃଷକ ଉତ୍ପାଦକ କମ୍ପାନୀ ଦ୍ୱାରା ପରିଚାଳିତ ଏହି ଯୋଜନାର ଡେମୋନଷ୍ଟ୍ରେଶନ ସହ ଜୈବିକ ସାର ବଣ୍ଟନ କରାଯାଇଥିଲା। ଚାଷୀମାନଙ୍କ ସହ ଉତ୍ତମ ବୁଝାମଣା, ସହଯୋଗ ଏବଂ ସୁସମ୍ପର୍କ ଥିଲେ ଏହି ଯୋଜନା ସଫଳ ହେବ ବୋଲି ବ୍ଲକ କୃଷି ଅଧିକାରୀ ରିତୁରାଣୀ କାଲୋ କହିଥିଲେ ।

# ମୃତକଙ୍କ ଉତ୍ତରାଧିକାରୀଙ୍କୁ ବୀମାରାଶି ପ୍ରଦାନ

ବଡ଼ଗାଁ, ୧।୧୦(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଝଣ୍ଟେଲବୁଡ ଗ୍ରାମର କିଷାନ କ୍ରେଡିଟ କାର୍ଡଧାରୀ ଆସିଆନ ହରୋଙ୍କ ୨୦୨୧ ଡିସେମ୍ବର ମାସରେ ଦୁର୍ଘଟଣା ଜନିତ ମୃତ୍ୟୁ ହୋଇଥିଲା। ସେ ସାହାଜବାହାଲ ସମବାୟ ସମିତିରେ ଋଣ କରିଥିବାରୁ ବ୍ୟକ୍ତିଗତ ଦୁର୍ଘଟଣା ବୀମାଭୁକ୍ତ ହୋଇଥିଲେ। ମଙ୍ଗଳବାର ସମବାୟ ସମିତି କାର୍ଯ୍ୟାଳୟରେ ମୃତକ ଆସିଆନ ହରୋଙ୍କ ଉତ୍ତରାଧିକାରୀ ତାଙ୍କ ଝିଅ ଏରେନ ହରୋଙ୍କୁ ୫ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଜିଲା ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ସୁଧୀର ରଞ୍ଜନ ପଟେଲ, ସାହାଜବାହାଲ ସମବାୟ ସମିତି ସଭାପତି ମିତ୍ର କିଷାନ, ଲ୍ୟାମ୍ପସର ପରିଚାଳନା ନିର୍ଦ୍ଦେଶକ ଶୁଭମ ବେହେରା, ସାହାଜବାହାଲ ସମବାୟ ସମିତିର ନିର୍ଦ୍ଦେଶକ ଚନ୍ଦ୍ରଭାନୁ ପରୁଆ, ନାଥନିଏଲ ହାଁସଦାଙ୍କ ଉପସ୍ଥିତିରେ ମୃତକଙ୍କ ଝିଅଙ୍କୁ ଏହି ଚେକ୍ ପ୍ରଦାନ କରାଯାଇଥିଲା।

# କେନ୍ଦ୍ରିକଳା ସରପଞ୍ଚଙ୍କ ବିରୋଧରେ ଅଭିଯୋଗ



ଗ୍ରାମବାସୀ ବଣାଇ ଥାନାରେ ଅଭିଯୋଗ କରୁଛନ୍ତି।

ବଣାଇଁ,୧।୧୦(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ବଣାଇଁ ବ୍ଲକ ଦରେଇକଳା ଗ୍ରାମବାସୀ କେନ୍ଦ୍ରିକଳା ସରପଞ୍ଚ ଉଗ୍ରସେନ କିଷାନଙ୍କ ବିରୋଧରେ ମଙ୍ଗଳବାର ବଣାଇଁ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ପଞ୍ଚାୟତର ଦରେଇକଳାଠାରେ ଗତ ଦେଢବର୍ଷ ତଳେ ସ୍ଥାପିତ ସାପ୍ତାହିକ ବଜାରରୁ ମାହାସୁଲ ଆଦାୟ ପାଇଁ ଟେଣ୍ଡର ଆହ୍ୱାନ ନ କରି ମନୋମୁଖୀ ଭାବେ ଅର୍ଥ ଅସୁଲ କରି ହଡ଼ପ କରାଯାଇଥିବାରୁ ଗ୍ରାମବାସୀ ବିରୋଧ କରି ବଣାଇଁ ଉପଜିଲାପାଳ ଓ ବିଡିଓଙ୍କୁ ଲିଖିତ ଭାବେ ଜଣାଇଥିଲେ। ତେବେ ଏ ନେଇ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ମଙ୍ଗଳବାର ଗ୍ରାମବାସୀ ବଣାଇଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗ ଗ୍ରହଣ କରିବା ସହ ଖୁବ୍‌ଶୀଘ୍ର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏ ନେଇ କେନ୍ଦ୍ରିକଳା ସରପଞ୍ଚ କିଷାନଙ୍କୁ ପଚାରିବାରୁ ସେ କହିଲେ, ତାଙ୍କ ବିରୋଧରେ ଆସିଥିବା ଅଭିଯୋଗ ମିଥ୍ୟା। ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ସେ ମାହାସୁଲ ଆଦାୟ କରୁ ନ ଥିଲେ। ଖୁବ୍‌ଶୀଘ୍ର ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେବ ବୋଲି କିଷାନ କହିଥିଲେ।

# କାର୍ଯ୍ୟାଳୟ ପ୍ରାଙ୍ଗଣ ସଫା କଲେ ଉପଜିଲାପାଳ

ବଣାଇଁ,୧।୧୦(ପ୍ରଦୀପ ତ୍ରିପାଠୀ)

ସ୍ୱଚ୍ଛ ଭରତ ଅଭିଯାନ ଅବସରରେ ଆୟୋଜିତ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ବଣାଇଁ ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ ଅକ୍ଷୟ ପିଲ୍ଲେ ଝାଡୁ ଧରି କାର୍ଯ୍ୟାଳୟ ପରିସରରେ ଥିବା ଅଳିଆ ସଫା କରିଥିଲେ। ଅନ୍ୟ ସହକର୍ମୀମାନେ ସହଯୋଗ କରିଥିଲେ। ବର୍ତ୍ତମାନ ପରିମଳ ଜରିଆରେ ମାତୃଭୂମିର ସେବା କରିବା ଆମର କର୍ତ୍ତବ୍ୟ ବୋଲି ଉପସ୍ଥିତ କର୍ମଚାରୀଙ୍କୁ ସେ ବାର୍ତ୍ତା ଦେଇଥିଲେ। ମୁଁ ନିଜେ ଅଳିଆ ଏଣେତେଣେ ପକାଇବି





ଉପଜିଲାପାଳ ଏବଂ ସହକର୍ମୀମାନେ ସଫେଇ କରୁଛନ୍ତି।

ନାହିଁ କିମ୍ବା ଅନ୍ୟମାନଙ୍କୁ ପକାଇବାକୁ ଦେବିନାହିଁ ବୋଲି ଉପଜିଲାପାଳ ଶପଥ କରାଇଥିଲେ। କାର୍ଯ୍ୟକ୍ରମରେ ସହକାରୀ ଜିଲାପାଳ ଶୋଭନ ପ୍ରୀତମ ପଣ୍ଡା, ବବିତା ମୁର୍ମୁ, ଏସ୍‌ଏସ୍‌ଏସ୍‌ଓ ଅଜୟ କୁମାର ସାହୁ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୁଷ୍ପାଞ୍ଜଳି ସାହୁଙ୍କ ସମେତ କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ।

# ନୂତନ ଡିଆଇଜିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ରାଉରକେଲା,୧।୧୦(ଦିନେଶ ମିଶ୍ର)



ଆଇପିଏସ୍ ସ୍ତରରେ ଅଦଳବଦଳ ପରେ ବ୍ରିଜେଶ ରାୟଙ୍କୁ ପଶ୍ଚିମାଞ୍ଚଳ ଡିଆଇଜି ଭାବେ ଦାୟିତ୍ୱ ଦିଆଯାଇଛି। ସେ ମଙ୍ଗଳବାର ସେକ୍ଟର-୫ସ୍ଥିତ ଡିଆଇଜିଙ୍କ କାର୍ଯ୍ୟାଳୟରେ ଯୋଗଦେବା ପରେ ରାଉରକେଲା ପୋଲିସ ପ୍ରଶାସନ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସେହିପରି ପୂର୍ବତନ ପଶ୍ଚିମାଞ୍ଚଳ ଡିଆଇଜି ନିତି ଶେଖରଙ୍କୁ ମଧ୍ୟ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପୂର୍ବତନ ଡିଆଇଜି ନିତି ଶେଖର ନୂତନ ଡିଆଇଜି ରାୟଙ୍କୁ ପୁଷ୍ପଗୁଚ୍ଛ ଦେଇ ପଦଭାର ହସ୍ତାନ୍ତର କରିଥିଲେ। ସୂଚନାଯୋଗ୍ୟ, ରାଉରକେଲାରେ ନିର୍ବାଚନ ଆଇନ ଉଲ୍ଲଂଘନ ଅଭିଯୋଗରେ ଏସ୍‌ପି ମିତ୍ରଭାନୁ ମହାପାତ୍ରଙ୍କୁ ବଦଳି କରାଯିବା ପରେ ରାଉରକେଲା ଏସ୍‌ପି ଭାବେ ବ୍ରିଜେଶ ରାୟ ଗତ ମେ ମାସରେ ଯୋଗ ଦେଇଥିଲେ।

# ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ରାଉରକେଲା,୧।୧୦(ବିପ୍ଳବ ରଞ୍ଜନ ଦାଶ)

ନେହେରୁ ଯୁବକେନ୍ଦ୍ର ଆନୁକୂଲ୍ୟରେ ବେଦବ୍ୟାସ ସଂସ୍କୃତ କଲେଜରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କଲେଜ ଅଧକ୍ଷ ଡକ୍ଟର ଉମାକାନ୍ତ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦାନ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଡକ୍ଟର ଅମୂଲ୍ୟ କୁମାର ଜେନାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଅଧାପକ ଡକ୍ଟର ପରମେଶ୍ୱର ଶତପଥି, ଜ୍ୟୋସ୍ନାରାଣୀ ଦାସ ଏବଂ ଚନ୍ଦ୍ରଧ୍ୱଜ ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ପରେ ସମସ୍ତେ ରାସ୍ତାଘାଟ ସହିତ ବସ୍ତିରେ ଅଳିଆ ଆବର୍ଜନା ସଫେଇ କରିଥିଲେ। ଅଧ୍ୟାପିକା ଶ୍ୟାମମାଳା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜଗାଙ୍ଗପୁର ପୌର ପରିଷଦ ପକ୍ଷରୁ ସ୍ୱଚ୍ଛତା ଶୋଭାଯାତ୍ରା

ରାଜଗାଙ୍ଗପୁର,୧।୧୦(ଅଶୋକ ପାଣି)

ରାଜଗାଙ୍ଗପୁର ପୌର ପରିଷଦ ପକ୍ଷରୁ ମଙ୍ଗଳବାର ସହରରେ ଏକ ସ୍ୱଚ୍ଛତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସହରବାସୀଙ୍କୁ ସ୍ୱଚ୍ଛତା ସହ ସହରକୁ ଆବର୍ଜନା ମୁକ୍ତ କରିବା ପାଇଁ ସନ୍ଦେଶ ଦିଆଯାଇଥିଲା। ଓଦା ଓ ଶୁଖିଲା ଆବର୍ଜନାକୁ ଅଲଗା ଅଲଗା କରି ସଂଗ୍ରହ ଗାଡିରେ ଦେବା, ଦୋକାନ ଏବଂ ଅନୁଷ୍ଠାନରୁ ବାହାରୁଥିବା ବର୍ଜ୍ୟବସ୍ତୁକୁ ଡଷ୍ଟ ବିନରେ ରଖିବା, ପ୍ଲାଷ୍ଟିକ ସାମଗ୍ରୀ ବର୍ଜନ, ସହରରେ ଗୃହ ନିର୍ମାଣ ସାମଗ୍ରୀ ଗୁଡିକ ରାସ୍ତା ଉପରରେ ନ ରଖିବା, ସହରରେ ଟ୍ରାଫିକ ସମସ୍ୟା ଥିବାରୁ ନିଜ ଯାନବାହନକୁ ନିଜ ଦାୟିତ୍ୱରେ ରଖିବା ପାଇଁ ପୌର ପରିଷଦ ପକ୍ଷରୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୌର ପରିଷଦ ଅଧ୍ୟକ୍ଷା ମାଧୁରୀ ଲୁଗୁନ, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଭିକ୍ଟୋର ସରେଙ୍ଗ, ଉପନଗରପାଳ ମହମ୍ମଦ ଇରଫାନ, ସ୍ୱଚ୍ଛ ସାଥୀ, ଛାତ୍ର, କାଉନସିଲର ଯୋଗ ଦେଇଥିଲେ।



ରାଜଗାଙ୍ଗପୁର ସହରରେ ସଚେତନତା ଶୋଭାଯାତ୍ରା ବାହାରିଛି।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବଡ଼ଗାଁ,୧।୧୦(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ସିଙ୍ଗାରମୁଣ୍ଡା ନିକଟ ବଡପଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସଙ୍କୁନି ସୁନ୍ୟାନୀଙ୍କୁ ମଙ୍ଗଳବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉପଲକ୍ଷେ ମଙ୍ଗଳବାର ଆୟୋଜିତ ସଭାରେ ସ୍ଥାନୀୟ ସରପଞ୍ଚ ଆସିସାନ କେର୍କେଟା, ବ୍ଲକ ଶିକ୍ଷାଧିକାରୀ ଶାନ୍ତିମୁନି ସୁରେଖା ହରୋ, ମଙ୍ଗଳ ଅଧିକାରୀ ଦିଲୀପ କୁମାର ମାଝୀ, ବରଙ୍ଗାକଛାର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁବରାଜ ଗୋଖରା, ସିଙ୍ଗାରମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶଶିଧର ସୁନ୍ୟାନୀ, ସିଆରସିସି କୌଶଲ୍ୟା ରଣା ପ୍ରମୁଖ ଯୋଗଦେଇ ଶିକ୍ଷକ ସୁନ୍ୟାନୀଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ସୁନ୍ୟାନୀ ବାଳିକା ଶିକ୍ଷାର ବିକାଶ ଦିଗରେ ଉତ୍ତମ କାର୍ଯ୍ୟ ପାଇଁ ଜିଲାପାଳଙ୍କଠାରୁ ପୁରସ୍କୃତ ହୋଇଥିଲେ।

# ବାଳିକା ବାଳକ ବିଭାଗରେ ସୁନ୍ଦରଗଡ଼ ଜିଲା ଚାମ୍ପିୟନ

କୁତ୍ରା,୧।୧୦(ଦେବାଶିଷ ସାହୁ)

ସୁନ୍ଦରଗଡ଼ ଜିଲା କୁତ୍ରା ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ୫ଦିନ ଧରି ଚାଲିଥିବା ବିଦ୍ୟାଳୟ ସମୂହର ୬୮ତମ ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ୧୪ ବର୍ଷରୁ କମ୍ ବର୍ଗର ଉଭୟ ବାଳିକା ବାଳକ ବିଭାଗରେ ସୁନ୍ଦରଗଡ ଜିଲା ଚାମ୍ପିୟନ ହୋଇଛି। ବାଳକ ବିଭାଗ ଫାଇନାଲ ମ୍ୟାଚ୍‌ରେ ସୁନ୍ଦରଗଡ ଜିଲା ଭୁବନେଶର କ୍ରୀଡ଼ା ଜିଲାକୁ ଏବଂ ବାଳିକା ବିଭାଗରେ ସୁନ୍ଦରଗଡ ଜିଲା ପୁରୀ ଜିଲାକୁ ପରାସ୍ତ କରିଥିଲା। ପୁରସ୍କାର ବିତରଣୀ ସମାରୋହରେ ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଭୟ ବିଭାଗର ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ଏହି ଅବସରରେ ରାଜ୍ୟ ଶାରୀରିକ ଶିକ୍ଷା ବିଭାଗ ସହକାରୀ ନିର୍ଦ୍ଦେଶକ ଜ୍ୟୋତି ରଞ୍ଜନ ପରିଡା, ସମାଜସେବୀ କମଳ ଅଗ୍ରୱାଲ, ଗୋଷ୍ଠୀ ଶିକ୍ଷାଧିକାରୀ ଅଶୋକ କୁମାର





ଅତିଥିମାନଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି।

**ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କବାଡି ପ୍ରତିଯୋଗିତା**

ଲାକ୍ରା, ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାଶିନି ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ବ୍ଲକର ଗୋଷ୍ଠୀ ଶିକ୍ଷାଧିକାରୀମାନେ ଉପସ୍ଥିତ ଥିଲେ। ସେପ୍ଟେମ୍ବର ୨୭ରୁ ମଙ୍ଗଳବାର ଯାଏ ଆୟୋଜିତ ଏହି ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତାରେ ୧୭ ବର୍ଷରୁ କମ୍ ବର୍ଗ ଓ ୧୪ ବର୍ଷରୁ କମ୍ ଉଭୟ ବାଳକ ଓ ବାଳିକା ବିଭାଗର ପ୍ରତିଯୋଗିତାରେ ରାଜ୍ୟର ସମସ୍ତ ଜିଲାର ୧୫୦୦ ପ୍ରତିଯୋଗୀ ଓ ସେମାନଙ୍କ ସହ ଆସିଥିବା ଅଫିସିଆଲମାନେ ଯୋଗ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମ ରାଜ୍ୟ ଶାରୀରିକ ଶିକ୍ଷା ବିଭାଗ ସହକାରୀ ନିର୍ଦ୍ଦେଶକ ଜ୍ୟୋତି ରଞ୍ଜନ ପରିଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଡ. ବିଭୀଷଣ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରତିଯୋଗିତାକୁ ରାଜ୍ୟର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଖେଳ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ହାତୀ ଉପଦ୍ରବ: ବ୍ୟାପକ କ୍ଷୟକ୍ଷତି



ଦେବଗଡ଼,୧।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ବନାଞ୍ଚଳ ଅନ୍ତର୍ଗତ କଂସର ଫରେଷ୍ଟ ସେକ୍ସନ ଓ ଦେବଗଡ ଫରେଷ୍ଟ ସେକ୍ସନର ବିଭିନ୍ନ ଗ୍ରାମରେ ଗତ ୨୮ରୁ ୧୨ଟିକିଆ ହାତୀପଲର ଉପଦ୍ରବ ଜାରି ରହିଛନ୍ତି। ଏକର ଏକର ଧାନ ଚାଷ ନଷ୍ଟ ହେବା ସହ ବ୍ୟାପକ କ୍ଷୟକ୍ଷତି ଘଟାଇଥିବା ଜଣାପଡିଛି। ୧୨ ଟିକିଆ ହାତୀପଲ ସୋମବାର ରାତି ୮ଟାରେ କଂସର ଫରେଷ୍ଟ ସେକ୍ସନର ପାଲକୁଦର ବିଟ ଏବଂ ତିଲେଇବଣି ଫରେଷ୍ଟ ସେକ୍ସନର ଚଟିବରଘାଟ ବିଟ ମଧ୍ୟ ଭାଗରେ ଥିବା ବେଳେ ଉକ୍ତ ଅଞ୍ଚଳରେ ଉପଦ୍ରବ ଜାରି ରଖିଛନ୍ତି। ଉକ୍ତ ଅଞ୍ଚଳରେ ବନବିଭାଗ ପକ୍ଷରୁ କଡାକଡି ପାଟ୍ରୋଲିଂ ଚାଲିଥିବା ଜଣାପଡିଛି। ସୂଚନା ଅନୁଯାୟୀ ଗତ ୨୮ ତାରିଖରୁ ସଡୋ ବିଟ ଅନ୍ତର୍ଗତ ତାଲଡିହି, କୁରେଇଁବାହାଲ ଓ ସଡୋ ସମେତ ପାଲକୁଦର ବିଟ ଅନ୍ତର୍ଗତ ଉଛବପାଳି, ଦରେଇଚୋର, ପାଲକୁଦର ଏବଂ କୁଞ୍ଜବାହାଲ ଗ୍ରାମରେ ହାତୀ ଉପଦ୍ରବ ଯୋଗୁ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଛି। ହାତୀ ଦଳ ସୋମବାର ସକାଳେ ପାଲକୁଦର ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ଘଟାଇଛନ୍ତି। ପାଲକୁଦର ଗ୍ରାମର ବନୀତା ରଣଚୁଲିଆ, ଦେବେନ୍ଦ୍ର ରଣଚୁଲିଆ ଏବଂ କୁରେଇଁବାହାଲ ଗ୍ରାମର ରମାକାନ୍ତ ଦେହୁରୀଙ୍କ ସମେତ ଅନେକ ଚାଷୀଙ୍କ କ୍ଷୟକ୍ଷତି ହୋଇଛି। ୧୨ ଟିକିଆ ହାତୀପଲରେ ଦୁଇଟି ଦନ୍ତା, ୨ ହାତୀ ଶାବକ ଏବଂ ୮ଟିମାଈ ହାତୀ ରହିଥିବା ଜଣାପଡିଛି।

### ବରିଷ୍ଠ ଆଇନଜୀବୀ ଭୂପେନ୍ଦ୍ରନାଥ ଦେବଙ୍କ ପରଲୋକ

ଦେବଗଡ଼,୧।୧୦(ଶଶାଙ୍କ ଶେଖର ଝାଙ୍କର)

ଜିଲା ଓକିଲ ମହଲରେ 'ଭୁପେନ ଦା' ନାଁରେ ପରିଚିତ ବର୍ଷିୟାନ ଆଇନଜୀବୀ ଭୂପେନ୍ଦ୍ରନାଥ ଦେବଙ୍କ ୭୪ବର୍ଷ ବୟସରେ ପରଲୋକ ଘଟିଛି। ସ୍ୱର୍ଗତଃ ଦେବ



୧୯୭୬ରୁ ଓକିଲାତି କରିବା ସହ ଅନ୍ତିମ ସମୟରେ ଅତିରିକ୍ତ ଜିଲା ଜଜ୍ କୋର୍ଟରେ ସରକାରୀ ଓକିଲ ଭାବେ କାର୍ଯ୍ୟ କରୁଥିଲେ। ସେହିପରି ପୂର୍ବରୁ ୨ ଥର ଜିଲା ଓକିଲ ସଂଘ ସଭାପତି ଦାୟିତ୍ୱ ସମ୍ପାଦନ କରିବା ସହ ବିଭିନ୍ନ ଅନୁଷ୍ଠାନ ସହିତ ଜଡିତ ରହିଥିଲେ। ସ୍ୱର୍ଗତଃ ଦେବ ଗତ କିଛିମାସ ହେଲା ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିବା ବେଳେ ରବିବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଅନ୍ତିମ ଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ମଞ୍ଜୁଳା ଦେବୀ, ବୋହୁ ଚାନ୍ଦିନୀ ଦେବୀ, ପୁଅ ସମରେନ୍ଦ୍ର ଓ ସମ୍ରିତ ଉପସ୍ଥିତ ରହିଥିଲେ। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସୋମବାର ପୂର୍ବତନ ବିଧାୟକ ତଥା ଆଇନଜୀବୀ ସଞ୍ଜୀବ ପ୍ରଧାନ ଓ ସମ୍ବଲପୁର ଜିଲା ସମବାୟ କେନ୍ଦ୍ର ବ୍ୟାଙ୍କର ପୂର୍ବତନ ସଭାପତି ଅମରେନ୍ଦ୍ର ଗଙ୍ଗଦେବଙ୍କ ସମେତ ବହୁ ଆଇନଜୀବୀ, ବୁଦ୍ଧିଜୀବୀ, ଶିକ୍ଷାବିତ, ସାହିତ୍ୟିକ ଓ ବିଶିଷ୍ଟ ବ୍ୟକ୍ତି ତାଙ୍କର ଲାଲୁସାହିସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସ୍ଥାନୀୟ ପ୍ରଧାନପାଟସ୍ଥିତ ସର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିଲା। ତାଙ୍କ ସମ୍ମାନାର୍ଥେ ଦେବଗଡ ଜିଲା ଓକିଲ ସଂଘ ପକ୍ଷରୁ କୋର୍ଟ କାର୍ଯ୍ୟ ବନ୍ଦ କରିବା ସହ ସଂଘ କାର୍ଯ୍ୟାଳୟରେ ଏକ ସ୍ମୃତିସଭା ଆୟୋଜିତ ହୋଇଥିଲା। ଜିଲା ଓକିଲ ସଂଘ ସଭାପତି ପ୍ରମଥେଶ ଗୁରୁ ଓ ସମ୍ପାଦକ କ୍ଷେତ୍ରବାସୀ ମେହେରଙ୍କ ସଂଯୋଜନାରେ ଆୟୋଜିତ ସ୍ମୃତିସଭାରେ ସଂଘର ବହୁ ସଦସ୍ୟ ସଦସ୍ୟା ଯୋଗଦେଇ ସ୍ୱର୍ଗତଃ ଦେବଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ତାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରିଥିଲେ।

# ୩ ଦିନ ହେଲା ମଧ୍ୟାହ୍ନଭୋଜନରୁ ବଞ୍ଚିତ ଛାତ୍ରୀଛାତ୍ର

■ଘରୁ ପଖାଳ ଆଣି ଖାଉଛନ୍ତି
■ବିଦ୍ୟାଳୟରେ ସରିଯାଇଛି ମଧ୍ୟାହ୍ନ ଭୋଜନ ଚାଉଳ



ଦେବଗଡ଼,୧।୧୦(ଶଶାଙ୍କ ଶେଖର ଝାଙ୍କର)

ସ୍କୁଲରେ ଚାଉଳ ସରିଯିବାରୁ ତିନିଦିନ ହେଲା ଘରୁ ପଖାଳ ନେଇ ସ୍କୁଲକୁ ଆସୁଛନ୍ତି ଛାତ୍ରୀଛାତ୍ର। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଦେବଗଡ ଜିଲା ତିଲେଇବଣି ବ୍ଲକ କଂସର କ୍ଲଷ୍ଟର ଅନ୍ତର୍ଗତ କଂସର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ମିଳିଥିବା ସୂଚନା ଅନୁଯାୟୀ ଉକ୍ତ ବିଦ୍ୟାଳୟରେ ମୋଟ ୧୦୫ ଜଣ ଛାତ୍ରୀଛାତ୍ର ପାଠ ପଢନ୍ତି। ତେବେ ବିଦ୍ୟାଳୟରେ ଥିବା ଚାଉଳ ସରିଯିବାରୁ ଗତ ୩ଦିନ ହେଲା ପିଲାଙ୍କ ପାଇଁ ମଧ୍ୟାହ୍ନଭୋଜନ ପ୍ରସ୍ତୁତ ହୋଇପାରୁନାହିଁ। ଫଳରେ ପିଲାଏ ଘରୁ ପଖାଳ ଧରି ସ୍କୁଲକୁ ଆସିବା ସହ ଏହାକୁ ସ୍କୁଲ ପରିସରରେ ମଧ୍ୟାହ୍ନଭୋଜନ ଭାବେ ଗ୍ରହଣ କରୁଥିବା ଦେଖିବାକୁ ମିଳୁଛି। ଛାତ୍ରୀଛାତ୍ରମାନଙ୍କୁ ସରକାରୀ ବିଦ୍ୟାଳୟକୁ ଆକୃଷ୍ଟ କରିବା ସହ ପୋଷଣ ଯୁକ୍ତ



ପିଲାମାନେ ଘରୁ ଆଣିଥିବା ଖାଦ୍ୟ ଖାଉଛନ୍ତି।

ଖାଦ୍ୟସହ ଉପସ୍ଥାନ ବୃଦ୍ଧି ଉଦ୍ଦେଶ୍ୟରେ ସରକାର ମଧ୍ୟାହ୍ନଭୋଜନର ବ୍ୟବସ୍ଥା କରିଥିବା ବେଳେ ଶିକ୍ଷା ବିଭାଗର ଚରମ ଅବହେଳା ଯୋଗୁ ଏଭଳି ସମସ୍ୟା ଦେଖାଦେଇଥିବା ଅଭିଯୋଗ ହେଉଛି। ସେହିପରି ଏହା ପ୍ରଥମ ଘଟଣା ନୁହେଁ ବରଂ ପୂର୍ବରୁ ମଧ୍ୟ ଏକାଧିକ ବାର ଉକ୍ତ ବିଦ୍ୟାଳୟରେ ଏଭଳି ଘଟଣା ଘଟିଛି। ଏକଥାକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନବୋଧ ବେହେରା ଓ କଂସର କ୍ଲଷ୍ଟରର ସିଆରସିସି ମହାବୀର ନାୟକ ମଧ୍ୟ ସ୍ୱୀକାର କରିଛନ୍ତି। ଏହା ସତ୍ତ୍ୱେ ଶିକ୍ଷା ବିଭାଗ କର୍ତ୍ତୃପକ୍ଷଙ୍କ ମୁଣ୍ଡରେ ଚେତା ପଶୁ ନ ଥିବା ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଟିକେଶ୍ୱର ଧରୁଆ ଗଣମାଧ୍ୟମ ସମ୍ମୁଖରେ ଅଭିଯୋଗ କରିଛନ୍ତି। ତେବେ ସେ ଯାହା ହେଉନା କାହିଁକି ଶିକ୍ଷା ବିଭାଗ କର୍ତ୍ତୃପକ୍ଷ ଏହାର ସମାଧାନ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଦେବଗଡ଼,୧।୧୦(ଶଶାଙ୍କ ଶେଖର ଝାଙ୍କର)

ଜିଲା ପ୍ରଶାସନ, ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଟାଉନ ହଲଠାରେ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଅତିରିକ୍ତ ଜିଲାପାଳ ବିଲୁଙ୍ଗ ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ବରେଣ୍ୟ ଅତିଥି ଭାବେ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଇ, ସେକ୍ରେଟାରୀ ଡିଏଲଏସଏ ଅପୂର୍ବା ଚୈଧୁରୀ, ଡିଏସପି କୈଳାଶ ଚନ୍ଦ୍ର ବୁରୁଦା, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା ବଂଶୀଧର ପାତ୍ର, ବରିଷ୍ଠ ନାଗରିକ ପ୍ରଫୁଲ୍ଲ କୁମାର ମହାପାତ୍ର ମଞ୍ଚାସୀନ ରହି ବରିଷ୍ଠ ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ ଥିବା ବିଭିନ୍ନ ଆଇନଗତ ସହାୟତା ଓ ସରକାରୀ ଯୋଜନା, ଆଇନ ସେବା ପ୍ରାଧିକରଣ ଓ ସ୍ୱାସ୍ଥ୍ୟ ଉପରେ ଆଲୋକପାତ କରିଥିଲେ। ପୂର୍ବରୁ ବରିଷ୍ଠ ନାଗରିକମାନଙ୍କ ସାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସଭା ପରେ କବିମାନଙ୍କ ଦ୍ୱାରା କବିତା ଆବୃତ୍ତି ଓ ନୃତ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲାର ବହୁ ସଂଖ୍ୟାରେ ବରିଷ୍ଠ ନାଗରିକ ଯୋଗଦେଇଥିଲେ। ସଭା କାର୍ଯ୍ୟ ପ୍ରାରମ୍ଭରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଶେଷରେ ବାରକୋଟ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋଷ୍ଠୀସ୍ତରୀୟ ନିପୁଣ ଓଡ଼ିଶା ମିଶନ ଉନ୍ମୋଚିତ





କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ଦେବଗଡ଼,୧।୧୦(ଶଶାଙ୍କ ଶେଖର ଝାଙ୍କର)

ଗୋଷ୍ଠୀ ଶିକ୍ଷା ବିଭାଗ ତିଲେଇବଣି ଆନୁକୂଲ୍ୟରେ ମଙ୍ଗଳବାର ତିଲେଇବଣି ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ ପରିସରରେ ଗୋଷ୍ଠୀସ୍ତରୀୟ ନିପୁଣ ଓଡିଶା ମିଶନ ଲୋଗୋ ଉନ୍ମୋଚନ ହୋଇଯାଇଛି। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନାରାୟଣ ସିଂ ସାମାଡ଼ଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ତିଳେଇବଣି ଗୋଷ୍ଠୀ ଅଧିକାରୀ ରଘୁନାଥ ପାଣିଗ୍ରାହୀ ଯୋଗଦେଇ ଭାଷା ଓ ଗଣିତ କ୍ଷେତ୍ରରେ ସର୍ବନିମ୍ନ ଦକ୍ଷତା ସୁଦୃଢ ହେଲେ ପ୍ରାଥମିକସ୍ତରରେ ଛାତ୍ରୀଛାତ୍ରମାନଙ୍କ ମୂଳଦୁଆ ସୁଦୃଢ ହେବ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ତଲେଇବଣି ପଞ୍ଚାୟତ ସମିତି ସଦସ୍ୟ ଶୁକ୍ରୁ ମୁଣ୍ଡା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ସାହୁ, ତିଲେଇବଣି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ପ୍ରଧାନ, ଜିଲା ପ୍ରଶିକ୍ଷଣ ପ୍ରତିଷ୍ଠାନ ପ୍ରଶିକ୍ଷିକା ସୁରମା ମିର୍ଦ୍ଧା, ବିଭାଗୀୟ ଅଧିକାରୀ ପ୍ରଶାନ୍ତ କୁମାର ପ୍ରଧାନ ପ୍ରମୁଖ ମଞ୍ଚାସୀନ ରହି ନିପୁଣ ଓଡିଶା ମିଶନ କାର୍ଯ୍ୟକ୍ରମ ସଫଳ ରୂପାୟନ ନିମନ୍ତେ ସମସ୍ତଙ୍କ ଗୁରୁଦାୟିତ୍ୱ ରହିଛି ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା ନିପୁଣ ଓଡିଶା ଲିଫଲେଟ, ଲୋଗୋ, ଗୀତ ଉନ୍ମୋଚନ କରିଥିଲେ। ସୁଗୁଡା ସିଆରସିସି ପ୍ରାଣବନ୍ଧୁ ଘଡେଇ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସିଆରସିସି ଭେନସ କୁମାର ପ୍ରଧାନ, ଚୂଡ଼ାମଣି ସାହୁ, ଉଦୟନାଥ ପ୍ରଧାନ, କ୍ଷିତିଶ କୁମାର ପ୍ରଧାନ, ବ୍ରହ୍ମାନନ୍ଦ ଛତ୍ରିଆ, ସୁବ୍ରତ କୁମାର ପ୍ରଧାନ, ଏମ.ଆଇ.ସ ସୁମନ ମହାନ୍ତି, ଆକାଉଣ୍ଟ୍ସ ରଞ୍ଜନ କୁମାର ନାୟକ, ପ୍ରଭାଶୁଣି କ୍ଲଷ୍ଟରର ସମସ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ, ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ସମସ୍ତ ଶିକ୍ଷକ, ଗୋଷ୍ଠୀ କାର୍ଯ୍ୟାଳୟ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ପ୍ରଭାଶୁଣି ସିଆରସିସି ଅଶୋକ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ୪, ୫ ଓ ୬ରେ ଝାରସୁଗୁଡ଼ାର ହେବ ବଡ଼ ଗର୍ବା ଗୁଞ୍ଜ

ଝାରସୁଗୁଡ଼ା,୧।୧୦(ସଞ୍ଜୟ ମାଲି)

ଚଳିତ ଦୁର୍ଗାପୂଜାରେ ହେବାକୁ ଯାଉଛି ଗର୍ବା ନୃତ୍ୟ ସହିତ ଭାଇରାଲ ଝାରସୁଗୁଡ଼ା ଏବଂ ହୋଟେଲ ମେଫେୟାର୍‌ର ମହାସଙ୍ଗମ। ଭାଇରାଲ ଝାରସୁଗୁଡ଼ାର ଚିଫ ଏଡିଟର୍ ରବି କୁମାର ଯାଦବଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀରେ ଅକ୍ଟୋବର ୪, ୫ ଓ ୬ରେ ଝାରସୁଗୁଡ଼ାର ଏହି ବଡ଼ ଗର୍ବା ଗୁଞ୍ଜ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି। ଅନୁଷ୍ଠିତ ହେବାକୁ ଥିବା ଗର୍ବା ବିଷୟରେ ଆଲୋଚନା କରାଯାଇଥିଲା। ଗର୍ବା ଗୁଞ୍ଜ ଭାଇରାଲ ଝାରସୁଗୁଡ଼ା ଏବଂ ହୋଟେଲ ମେଫେୟାର୍‌ର ମିଳିତ ଆନୁକୂଲ୍ୟରେ ହେବାକୁ ଯାଉଛି। ଏଥିରେ ଜିଲା ବାହାରୁ ଡିଜେ, ଆଙ୍କର୍ସ ଏବଂ କଳାକାରମାନଙ୍କୁ ଆମନ୍ତ୍ରଣ କରାଯାଇଛି। ଏହି ଗର୍ବା ଗୁଞ୍ଜରେ କେବଳ ଝାରସୁଗୁଡ଼ା ନୁହେଁ ବରଂ ଆଖପାଖ ଜିଲା ସମ୍ବଲପୁର, ସୁନ୍ଦରଗଡ, ବରଗଡ ଏବଂ କୁଚିଣ୍ଡା ଭଳି ଜାଗାରୁ ମଧ୍ୟ ଲୋକେ ଭାଗ ନେବା ସହିତ ଦୁର୍ଗାପୂଜା ସହିତ ଗର୍ବାର ମଜା ନେବେ। ନବରାତ୍ରି ପୂଜା ସମୟରେ ଗୁଜୁରାଟରେ ସବୁଠାରୁ ଅଧିକ ମାତ୍ରରେ ଗର୍ବା ଖେଳିବାର ଦେଖୁବାକୁ ମିଳେ। କିନ୍ତୁ ଏଥର ଝାରସୁଗୁଡ଼ାବାସୀ ମଧ୍ୟ ଗର୍ବାର ତାଳେ ତାଳେ ନାଚିବାକୁ ଖୁବ ଉତ୍ସାହିତ ଥିବାର ଜଣାପଡୁଛି।

### ନାଳ ଉପରେ ପୋଲ ନିର୍ମାଣ ଦାବି

ଦେବଗଡ଼,୧।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ କଣ୍ଡାପାଲି ଗ୍ରାମ ପଞ୍ଚାୟତ କଟେଇ ସାହି ରାସ୍ତାରେ ନାଳ ଉପରେ ପୋଲ ନ ଥିବାରୁ ଲୋକେ ଏକ କାଠ ପୋଲ ନିର୍ମାଣ କରି ଯାତାୟାତ କରୁଛନ୍ତି। ଛୋଟଛୋଟ ପିଲା ମାନେ ମଧ୍ୟ ପାଠ ପଢିବା ପାଇଁ ଉକ୍ତ ପୋଲ ଉପରେ ବିପଦସଙ୍କୁଳ ଅବସ୍ଥାରେ ସ୍କୁଲକୁ ଯାଉଛନ୍ତି। ଏ ନେଇ ଗ୍ରାମବାସୀଙ୍କଠାରୁ ଖବର ପଇବା ପରେ ଦେବଗଡ ଜିଲା କଂଗ୍ରେସ ସଭାପତି ମଙ୍ଗଳବାର ଉକ୍ତ ଗ୍ରାମକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିବା ସହ ସେହି ନାଳ ଉପରେ ଏକ ସ୍ଥାୟୀ କଂକ୍ରିଟ ପୋଲ ନିର୍ମାଣ ପାଇଁ ବାରକୋଟ ବିଡିଓ ସ୍ମୃତିରଞ୍ଜନ ସାହୁଙ୍କ ସହିତ ଆଲୋଚନା କରିଥିବା ଜଣାପଡିଛି।

# ଚଳିତବର୍ଷ ଲାଇଟ ବିଶେଷ ଆକର୍ଷଣ



ବଳମ ଦୁର୍ଗାପୂଜା କମିଟି ସଦସ୍ୟବୃନ୍ଦ।

ପ୍ରସ୍ତୁତି ପଥେ ବଳମ ଦୁର୍ଗାପୂଜା

ଦେବଗଡ଼,୧।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା ବାରକୋଟ ବ୍ଲକ ବଳମ ଦୁର୍ଗାପୂଜା କମିଟି ପକ୍ଷରୁ ପରମ୍ପରାଗତ ଶାରଦୀୟ ଦୁର୍ଗାପୂଜା ହୋଇଆସୁଛି। ଚଳିତବର୍ଷ ବ୍ୟୟ ଅଟକଳ ୧୫ ଲକ୍ଷ ରଖାଯାଇଛି। ମେଜିକ ଶୋ', ମୁମ୍ବାଇ ମିନାବଜାର, ନୃତ୍ୟ ପ୍ରତିଯୋଗିତା, ଡାନ୍ସ ଗ୍ରୁପ, ଅପେରା ଇନ୍ଦ୍ରଭୁବନ ମୂର୍ତ୍ତୀ କାରିଗର କଟକ, ତୋରଣ କାରିଗର କୋଲକତା ଆକର୍ଷଣୀୟ ଲାଇଟ ଦୁର୍ଗାପୂଜା ଦେଖିବା ପାଇଁ ହଜାରହଜାର ଦର୍ଶକ ଉପଭୋଗ କରିଥାନ୍ତି। ଭକ୍ତଙ୍କ ପାଇଁ ଅନ୍ନଭୋଗ ବ୍ୟବସ୍ଥା କରାଯାଇଛି, ମଣ୍ଡପରେ ମୂର୍ତ୍ତୀଠୁ ଆରମ୍ଭକରି ସାଜସଜ୍ୟା ଜୋରସରରେ ଆରମ୍ଭ ହୋଇଯାଇଛି। ଚଳିତବର୍ଷ ସଭାପତି ପ୍ରଦୀପ ମୁଣ୍ଡା, ସମ୍ପାଦକ ମହେଶ୍ୱର ପ୍ରଧାନ, କୋଷାଧ୍ୟକ୍ଷ ଧିରେନ କୁମାର ବେହେରାଙ୍କ ସମେତ ଅନ୍ୟ ସଦସ୍ୟ ଓ ଗ୍ରାମବାସୀ ପ୍ରମୁଖ ପୂଜା ଆୟୋଜନ ଲାଗିପଡ଼ିଥିବ ଜଣାପଡ଼ିଛି।

### ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଦେବଗଡ଼,୧।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ପୌରାଞ୍ଚଳ ଅନ୍ତର୍ଗତ ଧରଣୀଧର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ମଳୟ ମଞ୍ଜରୀ ଦାଶ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ନନ୍ଦଙ୍କ ସଭାପତିତ୍ୱରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ତିଲେଇବଣି ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ସାହୁ ମୁଖ୍ୟଅତିଥି, ପୌରାଞ୍ଚଳ ସିଆରସିସି ଚୂଡ଼ାମଣି ସାହୁ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଶାନ୍ତ କୁମାର ବାଙ୍କ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ର, ଶିକ୍ଷକ ଶିକ୍ଷୟିତ୍ରୀ ବିଦାୟୀ ଶିକ୍ଷୟିତ୍ରୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦାୟୀ ଶିକ୍ଷୟିତ୍ରୀ ତାଙ୍କର ଶିକ୍ଷକତା ଜୀବନର ଅନୁଭୂତି ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଶିକ୍ଷକ ଘନଶ୍ୟାମ ବେହେରା, ପ୍ରଭାତ ମହାପାତ୍ର, ଶିକ୍ଷୟିତ୍ରୀ ନିରୁପମା ପ୍ରଧାନ, ରଶ୍ମିରେଖା ସାହୁ, ସିପିକା ମିଶ୍ର ଓ ମାନସିରାଣୀ ଗଡ଼ନାୟକ ସହଯୋଗ କରିଥିଲେ।

### 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହ

ଦେବଗଡ଼,୧।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଗତ ସେପ୍ଟେମ୍ବର ୧୭ରୁ ଆରମ୍ଭ ହୋଇଥିବା 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମର ଉଦ୍‌ଯାପିତ ହୋଇଯାଇଛି। ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ପ୍ରତାପ ଚନ୍ଦ୍ର ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ଅଧ୍ୟକ୍ଷ ଡାକ୍ତର ସୁଦାମ କୁମାର ପରିଡ଼ା ସଭାପତିତ୍ୱ କରିଥିବା ବେଳେ ଦେବଗଡ଼ ଜିଲାର ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ମୁଖ୍ୟଅତିଥି ଏବଂ ଏନ୍‌ଏସ୍‌ଏସ୍ ଜିଲା ସଂଯୋଜିକା ପ୍ରଧାପିକା ସସ୍ମିତା ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ଏକ ସ୍ୱଚ୍ଛତା ସଚେତନ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବ୍ୟକ୍ତିର ବ୍ୟକ୍ତି ବିକାଶରେ ଏନ୍‌ଏସ୍‌ଏସ୍ କିପରି ସହାୟକ ହୋଇପାରିବ ସେ ଦିଗରେ ସୂଚନା ଦେବା ସହିତ ପରିବେଶର ସ୍ୱଚ୍ଛତା ଉପରେ ମୁଖ୍ୟଅତିଥି ଗୁରୁତ୍ୱରୋପ କରିଥିଲେ। ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ପ୍ରତାପ ଚନ୍ଦ୍ର ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ବହୁ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ତଥା ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।





'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମର ଉଦ୍‌ଯାପନୀରେ ମଞ୍ଚାସୀନ ଅତିଥି।

# ଜାଗରଣ ଆର୍ଟ ଇଣ୍ଟରନ୍ୟାଶନାଲ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍

ଦେବଗଡ଼,୧।୧୦(ଶଶାଙ୍କ ଶେଖର ଝାଙ୍କର)

■ଅଙ୍କିତା ପୂଝାରୀ ହେଲେ ବାମଣ୍ଡା ସୁନ୍ଦରୀ
■ସଙ୍ଗୀତରେ ସୌମ୍ୟରଞ୍ଜନ, ନୃତ୍ୟରେ ଶୁଭଶ୍ରୀ, ଏକକ ଅଭିନୟରେ ନନ୍ଦିନୀ ପ୍ରଥମ

ସ୍ଥାନୀୟ ଟାଉନ ହଲଠାରେ ଜିଲାର ଅଗ୍ରଣୀ ନାଟ୍ୟ ସଂସ୍ଥା ଜାଗରଣ ଆର୍ଟ ଇଣ୍ଟରନ୍ୟାଶନାଲ ପକ୍ଷରୁ ଅଙ୍କିତା ପ୍ରିଣ୍ଟର୍ସ ସହଯୋଗରେ ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି। ଏଥି ନିମନ୍ତେ ପ୍ରଥମେ ବିଭିନ୍ନ ବିଭାଗ ପାଇଁ ଅଡିସନ ଟେଷ୍ଟ କରାଯାଇଥିଲା। ବାମଣ୍ଡା ସୁନ୍ଦରୀ ପାଇଁ (୧୫ରୁ ୩୦ବର୍ଷ ମଧ୍ୟରେ), ଏକକ ଅଭିନୟ (୧୩ ବର୍ଷରୁ ଉର୍ଦ୍ଧ୍ୱ), ସଙ୍ଗୀତ (୧୩ ବର୍ଷରୁ ଉର୍ଦ୍ଧ୍ୱ) ଓ ନୃତ୍ୟ (୧୩ବର୍ଷରୁ ଉର୍ଦ୍ଧ୍ୱ) ପ୍ରତିଯୋଗିତାରେ ପ୍ରତି ବିଭାଗରୁ ୭ଜଣଙ୍କୁ ଫାଇନାଲ ପାଇଁ ଉନ୍ନିତ କରାଯାଇଥିଲା। ଏଥିରେ ବିଚାରକ ଭାବେ ବ୍ରହ୍ମପୁରର କୁମାରୀ ଭି. ଲଳିତା ହାସିନି, କଳାହାଣ୍ଡିର କୁମାରୀ ପଲ୍ଲବ କୁମାର, ବରଗଡ଼ର କୁମାରୀ ଡିଲେଶ୍ୱରି ସୁନା ଏବଂ ସ୍ଥାନୀୟ କଳାକାର ପ୍ରମୋଦ କୁମାର ମହାପାତ୍ର ଦାୟିତ୍ୱ ତୁଲାଇଥିଲେ। ପୂର୍ବାହ୍ନରେ ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବେ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଇ, ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ବଣିକ ସଂଘ ସଭାପତି ଉମାଶଙ୍କର ସାହୁ, ଆଇନଜୀବୀ ସଚ୍ଚିକାନ୍ତ ଦାଶ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ଉଦ୍‌ଯାପନୀରେ ଅତିଥି ଭାବେ ତିଲେଇବଣି ବ୍ଲକ ଉପାଧ୍ୟକ୍ଷା ଆରତୀ ପ୍ରଧାନ, ଅଙ୍କିତା ପ୍ରିଣ୍ଟର୍ସର ପ୍ରତିଷ୍ଠାତା ଅତୁଲ୍ୟ କୁମାର ପୂଜାରୀ, ବରିଷ୍ଠ ଆଇନଜୀବୀ ଦିଲୀପ କୁମାର ଗୁରୁ ପ୍ରମୁଖ ଯୋଗଦେଇ ଆୟୋଜକ ଓ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ସହ ବିଭିନ୍ନ ବର୍ଗର କୃତୀ ପ୍ରତିଯୋଗୀମାନଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରିଥିଲେ। ସଙ୍ଗୀତ ପ୍ରତିଯୋଗିତାରେ ସୌମ୍ୟରଞ୍ଜନ ନାୟକ ପ୍ରଥମ ସ୍ଥାନ, ସୌମ୍ୟରଞ୍ଜନ ଆଚାର୍ଯ୍ୟ ଦ୍ୱିତୀୟ ଓ ଆଦିତ୍ୟ କୁମାର ବୁଡା ତୃତୀୟ ସ୍ଥାନ ହାସଲ କରିଥିଲେ। ନୃତ୍ୟ ପ୍ରତିଯୋଗିତା ଶୁଭଶ୍ରୀ ମୁଦୁଲି ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ନିଲେଶ୍ୱରି ନାୟକ ଦ୍ୱିତୀୟ ଓ ସୌରେନ ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଏକକ ଅଭିନୟରେ ନନ୍ଦିନୀ ଯାଦବ ପ୍ରଥମ, ରାଜକୁମାର ମହାନ୍ତି ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ବାମଣ୍ଡା ସୁନ୍ଦରୀ ପ୍ରତିଯୋଗିତାରେ ଅଙ୍କିତା ପୁଜାରୀ ପ୍ରଥମ, ଶୁଭଶ୍ରୀ ମୁଦୁଲି ଦ୍ୱିତୀୟ, କୁମାରୀ ରିତା ସିଂ ତୃତୀୟ, କୁମାରୀ ଖୁସି ସାମଲ ଚତୁର୍ଥ ଓ କୁମାରୀ ନନ୍ଦିନୀ ଯାଦବ ପଞ୍ଚମ ସ୍ଥାନ ହାସଲ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅନୁଷ୍ଠାନ ପକ୍ଷରୁ ଟ୍ରଫି ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବ ସଭାପତି ଅଶୋକ ନନ୍ଦ, ସମ୍ପାଦକ ସୁଜିତ ପାତ୍ର, ଜହ୍ନାଜୟ ନାୟକ, ପ୍ରକାଶ ଦେବତା, ଚିତ୍ତରଞ୍ଜନ ଦାଶ, ରାକେଶ ଶତପଥୀ, ବିଶ୍ୱାଳ ନାୟକ, ଅମ୍ଳାନସୁ ପୂଝାରୀ, ଶୁଭମ ମହାକୁର, ଶିବାସୀଷ ଝଙ୍କାର ପ୍ରମୁଖଙ୍କ ସକ୍ରିୟ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

